Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:55+ 14 June 2026 (Sunday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୫୫+୧୪ ଜୁନ୍ ୨୦୨୬ (ରବିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଓଡିଶା ଗସ୍ତରେ ଆସୁଛନ୍ତି ମହାମହିମ, ପ୍ରଧାନମନ୍ତ୍ରୀ:

ସୁରକ୍ଷା ଦାୟିତ୍ୱରେ ୧୫୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୧୩/୬(ନି/ପ୍ର): ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଜୁନ ୧୯ ଓ ୨୦ ତାରିଖ ଓଡିଶା ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଆଖି ଆଗରେ ରଖି ଓଡିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟାପକ ପ୍ରସ୍ତୁତି ଆରମ୍ଭ। ଏ ନେଇ ସୂଚନା ଦେଇଛନ୍ତି ପୂର୍ବାଂଚଳ ଡିଆଇଜି। ସେ କହିଛନ୍ତି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ୧୫୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ବ୍ଲୁ- ବୁକ୍ ନିୟମ ଅନୁସାରେ କରାଯିବ ସୁରକ୍ଷା ବ୍ୟବସ୍ଥା। ଗସ୍ତ ପୂର୍ବରୁ ରାଇରଙ୍ଗପୁରରେ ଗତକାଲି ସମୀକ୍ଷା କରିଛନ୍ତି ପୋଲିସ ଡିଜି। ଆସନ୍ତା ୧୯ ଓ ୨୦ ତାରିଖରେ ରହିଛି ଗସ୍ତ କାର୍ଯ୍ୟକ୍ରମ। ଓଡ଼ିଶାରେ ବିଜେପି ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ଦୁଇବର୍ଷ ପୂର୍ତ୍ତି ଉତ୍ସବ ଆଗାମୀ ଜୁନ ୨୦ ତାରିଖ ମୟୂରଭଞ୍ଜ ଜିଲାର ରାଇରଙ୍ଗପୁରରେ ପାଳିତ ହେବ। ଏହି ଅବସରରେ ରାଇରଙ୍ଗପୁର ମାଟିର ଝିଅ ତଥା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗରିମାମୟ ଉପସ୍ଥିତିରେ ବିଶାଳ ଜନସଭା ହେବ। ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ହେବ ଚାରି ପ୍ରକଳ୍ପ ଓ ଶିଳାନ୍ୟାସ ହେବ ଦୁଇ ପ୍ରକଳ୍ପ। ଏହି ଐତିହାସିକ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟର ମନ୍ତ୍ରୀଗଣ, ସାଂସଦ, ବିଧାୟକ, ଦଳୀୟ ପଦାଧିକାରୀ ଉପସ୍ଥିତ ରହିବେ। ଏହି ଅବସରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଆଦିବାସୀ ଗବେଷଣା ଓ ଉନ୍ନୟନ କେନ୍ଦ୍ର, ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଓ ରାଇରଙ୍ଗପୁର ପୁଲିସ ଜିଲା ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ରହିଛି। ଏହା ବ୍ୟତୀତ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍‌ଫରେଷ୍ଟ ମ୍ୟାନେଜମେଣ୍ଟ, ଅନ୍ତର୍ଜାତୀୟ ମାନର ବ୍ୟାଡ଼ମିଂଟନ କମ୍ପ୍ଲେକ୍ସର ଶିଳାନ୍ୟାସ ଦିଆଯିବ। ଏଥିପାଇଁ ପ୍ରଶାସନ, ପୁଲିସ, ବିଭିନ୍ନ ବିଭାଗୀୟ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଦାଣ୍ଡବୋଷ ବିମାନ ବନ୍ଦରରେ ହେଲିପ୍ୟାଡ୍ ଓ ଜନସଭା ମଚଂ, ଲୋକଙ୍କ ବସିବା ପାଇଁ ହ୍ୟାଙ୍ଗର ନିର୍ମାଣ ତଥା ଆନୁଷଙ୍ଗିକ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ବିଜେପି ପକ୍ଷରୁ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ ବିଜେପି ନେତୃମଣ୍ଡଳୀ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବିଧାୟକ ଜଲେନ ନାଏକ, ବରିଷ୍ଠ ନେତା ସଞ୍ଜୀବ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବୀନ ରାମ, ସାଂସଦ ସଂଯୋଜକ ମନୋଜ ଦାସ, ମୁନା ପ୍ରତିହାରୀ ପ୍ରମୁଖ ରାଇରଙ୍ଗପୁର ସହର ଓ ପାହାଡ଼ପୁରରେ ପ୍ରସ୍ତୁତି ଚଳାଇଛନ୍ତି।

ଭାରତକୁ ମିଳିଲା ୧୦୦ କାମିକାଜେ ଡ୍ରୋନ୍ :

ପଡିବନି ଜାମିଂ ପ୍ରଭାବ, ସିଗନାଲ ବିନା କରିବ କାମ

ନୂଆଦିଲ୍ଲୀ,୧୩।୦୬:ସ୍ୱଦେଶୀ ପ୍ରତିରକ୍ଷା କମ୍ପାନି ଏସଏମପିପି ଭାରତୀୟ ସେନାକୁ ୧୦୬ଟି କାମିକାଜେ ଡ୍ରୋନ୍ ହସ୍ତାନ୍ତର କରିଛି। ସେଥିମଧ୍ୟରୁ ୧୦୦ଟି ଅପରେସନାଲ ହୋଇଥିବାବେଳେ ୬ଟି ହେଉଛି ଟ୍ରେନିଂ ଡ୍ରୋନ୍ । ଏହାକୁ 'ପିସ୍ କିପର' (ଅଗ୍ନିବେଗ) ନାମ ଦିଆଯାଇଛି। ଏହା ଭାରତର ମାନବବିହୀନ ଯୁଦ୍ଧ କ୍ଷମତା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ବେଲାରୁଷର ଏକ ଫାର୍ମ ସହାୟତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହି ଡ୍ରୋନର ଲକ୍ଷ୍ୟଭେଦ କ୍ଷମତା ୧୮୦ କି.ମି। ଏହା ଘଣ୍ଟାପ୍ରତି ସର୍ବାଧିକ ୪୫୦ କି.ମି ବେଗରେ ଉଡ଼ିପାରିବ। ଏହା ଉପରେ ଜାମିଂର ପ୍ରଭାବ ରହିବ ନାହିଁ। ସେହିପରି ସ୍ପୁଫିଂ କରିଆରେ କେହି ଏହାକୁ ଲକ୍ଷ୍ୟଭ୍ରଷ୍ଟ କରିପାରିବେ ନାହିଁ । ଜିପିଏସ୍ ସିଗନାଲ ନଥିବା ଯୁଦ୍ଧକ୍ଷେତ୍ରରେ ଏହା କାମ କରିବାରେ ସକ୍ଷମ। ଅଗ୍ନିବେଗ ଶତ୍ରୁପକ୍ଷର ଗୁରୁତ୍ୱପୂର୍ଣ୍ଣ ସାମରିକ ଭିତିଭୂମି, ଲଜିଷ୍ଟିକସ ହବ୍, କମାଣ୍ଡ ସେଣ୍ଟର, ରାଡାର ଇନଷ୍ଟଲେସନ୍ ଏବଂ ଅନ୍ୟ ରଣନୈତିକ ଠିକଣା ଉପରେ ପ୍ରିସିସନ୍ ଆକ୍ରମଣ କରିପାରିବ। 'ଅପରେସନ୍ ସିନ୍ଦୂର' ପରେ ଗତବର୍ଷ ରାଜସ୍ଥାନର ପୋଖରାନରେ ଏହାର ଟ୍ରାଏଲ ପରେ ଭାରତୀୟ ସେନା ଏହାକୁ କିଣିବା ଲାଗି ଚୟନ କରିଥିଲା। ଟ୍ରାଏଲ ସମୟରେ ଅଗ୍ନିବେଗ ଜାମିଂ ଏବଂ ସ୍ପୁଫିଂ ଭଳି ସ୍ଥିତିରେ ଉନ୍ନତ ପ୍ରଦର୍ଶନ କରିଥିଲା। ସେଥିରୁ ଏହାର ସଠିକତା ଏବଂ ବିଶ୍ୱସନୀୟତା ସାବ୍ୟସ୍ତ ହୋଇଥିଲା।

ପାକିସ୍ତାନକୁ ରାଜନାଥ ସିଂହଙ୍କ କଡ଼ା ଚେତାବନୀ

ନୂଆଦିଲ୍ଲୀ,୧୩/୬: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇ କହିଛନ୍ତି ଯେ, ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଲୋକଙ୍କୁ ସିନ୍ଧୁ ନଦୀର ପାଣି ଦିଆଯିବ ନାହିଁ। ପ୍ରତିରକ୍ଷା ମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଭାରତଜାଣିଛି ଯେଉଁମାନେ ଶାନ୍ତିର ଭାଷା ବୁଝନ୍ତି ନାହିଁ ସେମାନଙ୍କୁ କିପରି ଜବାବ ଦେବାକୁ ହେବ ଏବଂ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମ୍ପୂର୍ଣ୍ଣ ବନ୍ଦ ନ କରିବା ପର୍ଯ୍ୟନ୍ତ ଜଳ ବଣ୍ଟନ ଚୁକ୍ତିନାମା ସ୍ଥଗିତ ରହିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ହାଇଦ୍ରାବାଦରେ ଏକ ବୁଦ୍ଧିଜୀବୀ ସମ୍ମିଳନୀକୁ ସମ୍ବୋଧିତ କରି ଅପରେସନ ସିନ୍ଦୂର ଏବଂ ପହଲଗାମ ଆତଙ୍କବାଦୀଆକ୍ରମଣ ପରେ ସିନ୍ଧୁ ଜଳ ଚୁକ୍ତି ରଦ୍ଦ କରାଯିବା ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଅପରେସନ ସିନ୍ଦୂର ମାଧ୍ୟମରେ ସରକାର ବିଶ୍ୱକୁ ଦେଖାଇ ଦେଇଛନ୍ତି ଯେ ଯେଉଁମାନେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ଭାଷା ବୁଝନ୍ତି ନାହିଁ ସେମାନଙ୍କୁ କିପରି ଜବାବ ଦେବାକୁ ହୁଏ ତାହା ସରକାର ଜାଣନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ କରି, ଆମେ ବାର୍ତ୍ତା ଦେଇଥିଲୁ ଯେ, ଯେଉଁମାନଙ୍କର ଲୁହ ଶୁଖିଯାଇଛି ସେମାନେ ଆମଠାରୁ ପାଣି ଆଶା କରିବା ଉଚିତ୍ ନୁହେଁ। ଆମେ ସିନ୍ଧୁ ନଦୀର ପାଣି ଆତଙ୍କବାଦୀ ଏବଂ ମାନବତାର ଶତ୍ରୁଙ୍କ ପୃଷ୍ଠପୋଷକଙ୍କ ପାଖରେ ପହଚିଂବାକୁ ଦେବୁ ନାହିଁ। ସୂଚନାଯୋଗ୍ୟ,୧୯ ସେପ୍ଟେମ୍ବର ୧୯୬୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଐତିହାସିକ ସିନ୍ଧୁ ଜଳ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା, ଯାହା ସିନ୍ଧୁ ନଦୀ ପ୍ରଣାଳୀର ଜଳ ବ୍ୟବହାରକୁ ନିୟନ୍ତ୍ରଣ କରିଥିଲା।

ବାୟୁସେନା ବିମାନ କ୍ରାସ ,ଲାଣ୍ଡିଂ ବେଳେ ୨ ଭାଗ ହେଲା

ନୂଆଦିଲ୍ଲୀ,୧୩/୬: ଆସାମର ଜୋରହାଟ ଏୟାରବେସରେ ଏକ ଭାରତୀୟ ବାୟୁସେନା ଆଇଏଫ ଏନ- ୩୨ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଅବତରଣ କରିବା ପରେ ବିମାନଟିରେ ନିଆଁ ଲାଗିଯାଇଥିଲା । ଜୋରହାଟ୍ ଏୟାରବେସ୍ ଭିତରେ ଅବତରଣ ବେଳେ ଅଘଟଣ ଘଟିଛି । ଏୟାରବେସରେ ଥିବା ଅଗ୍ନିଶମ ବାହିନୀ ଏବଂ ଜରୁରୀକାଳୀନ ଟିମ୍ ଘଟଣାସ୍ଥଳରେ ପହଁଚି ନିଆଁକୁ ନିୟନ୍ତ୍ରଣ କରିଥିଲା । ବିମାନଟି ଏୟାରବେସରେ ସୁରକ୍ଷିତ ଲାଣ୍ଡିଂ କରିଥିଲା । କିନ୍ତୁ ପରେ ସେଥିରୁ ନିଆଁ ଉଠିଥିଲା । ବିମାନଟି ଖଣ୍ଡ ଖଣ୍ଡ ହୋଇଛି । ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି । ରିପୋର୍ଟ ଅନୁସାରେ, ବିମାନଟି ଅବତରଣ ଷ୍ଟ୍ରିପରେ ଅବତରଣ କରିପାରିଲା ନାହିଁ । ଏୟାରବେସର ଅନ୍ୟ ଏକ ସ୍ଥାନରେ ଲାଣି କରିଥିଲା । ଆସାମର ଜୋରହାଟରେ ଥିବା ରୋଉରିଆ ବାୟୁସେନା ଷ୍ଟେସନ, ଉତ୍ତର-ପୂର୍ବ ଭାରତରେ ଭାରତୀୟ ବାୟୁସେନାର ପ୍ରମୁଖ ସାମରିକ ଘାଟି ମଧ୍ୟରୁ ଗୋଟିଏ । ଏହି ବାୟୁସେନା ଆସାମ ସମେତ ସମଗ୍ର ଉତ୍ତର-ପୂର୍ବରେ ବିମାନ ଅଭିଯାନ, ସାମରିକ ଲଜିଷ୍ଟିକ୍ସ ଏବଂ ରଣନୈତିକ କାର୍ଯ୍ୟକଳାପ ପରିଚାଳନାରେ ବଡ଼ ଭୂମିକା ଗ୍ରହଣ କରିଥାଏ । ବିମାନଟି ନିୟମିତ ଉଡାଣରେ ଥିଲା । ଜୋରହାଟ ବାୟୁସେନା ଘାଟିରେ ଅବତରଣ ସମୟରେ ବିମାନଟି ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଥିଲା ।

ଭାରତର ମହିଳା ଶକ୍ତି ହେଉଛନ୍ତି ରାଷ୍ଟ୍ର ଗଠନର ଆଧାର: ମୋଦୀ

ନୂଆଦିଲ୍ଲୀ,୧୩/୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର 'ନାରୀ ଶକ୍ତି'କୁ ପ୍ରଶଂସା କରିଛନ୍ତି। ରାଷ୍ଟ୍ର ଗଠନରେ ନାରୀଶକ୍ତିଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମୋଦୀ କହିଛନ୍ତି। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ମୋଦୀ କହିଛନ୍ତି, ଭାରତୀୟ ମହିଳାମାନଙ୍କ ସାମର୍ଥ୍ୟ ଏବଂ ସଫଳତା ଦେଶର ସମ୍ମାନ ବୃଦ୍ଧି କରିଛି। ଏକ ସଂସ୍କୃତ ଶ୍ଳୋକକୁ ଉଦ୍ଧୃତ କରି ମୋଦୀ କହିଛନ୍ତି, ମହିଳାମାନେ ସମସ୍ତ ତିନି ଜଗତରେ କ୍ଷମତାର ପ୍ରତୀକ। ସମାଜରେ ସେମାନେ ଅପରିହାର୍ଯ୍ୟ ଭୂମିକା ନିର୍ବାହ କରୁଛନ୍ତି। ମୋଦୀ କହିଛନ୍ତି, ଭାରତର ମହିଳା ଶକ୍ତି ହେଉଛନ୍ତି ରାଷ୍ଟ୍ର ଗଠନର ଆଧାର। ଆଜି ଆମ ମା', ଭଉଣୀ ଏବଂ ଝିଅମାନେ ପ୍ରତି କ୍ଷେତ୍ରରେ ସେମାନଙ୍କ ଜ୍ଞାନ ଓ ଦକ୍ଷତା ବଳରେ ଆମ ଭାରତ ମାତାର ଗୌରବ ବୃଦ୍ଧି କରୁଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଏନ୍‌ଡିଏ ସରକାରର ସଫଳତା ଉପରେ ଗୁରୁତ୍ୱାରୋପ କରି ମୋଦୀ କହିଛନ୍ତି, ପ୍ରଶାସନ ମହିଳାଙ୍କ ସଂକ୍ରାନ୍ତ ବିକାଶ କ୍ଷେତ୍ରରେ ଲଗାତାର ଭାବେ କାମ କରିଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାର ଉପଲବ୍ଧି ଦେଖିବାକୁ ମିଳିଛି। ପ୍ରତିଟି କ୍ଷେତ୍ରରେ ମହିଳାମାନେ ସେମାନଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି ବୋଲି ମୋଦୀ କହିଛନ୍ତି। ମୋଦୀ ଆଜି 'ନାରୀ ଶକ୍ତିର ୧୨ବର୍ଷ' ଅବସରରେ ଉତ୍ସବ ମନାଇଛନ୍ତି। ତାଙ୍କ ନେତୃତ୍ୱରେ ସରକାରଙ୍କ ଦ୍ୱାରା ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବା ଦିଗରେ ଯେଉଁସବୁ ପଦକ୍ଷେପ ଗ୍ରହଣ ହୋଇଛି ତା' ଉପରେ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ମୋଦୀ କହିଛନ୍ତି, ଭାରତର ନାରୀ ଶକ୍ତି ବିଜ୍ଞାନ, ମହାକାଶ ଏବଂ ଉଦ୍ଭାବନ କ୍ଷେତ୍ରରେ ସେମାନଙ୍କ ପାରଦର୍ଶିତା ଦେଖାଇବା ମତେ ନିର୍ଦ୍ଦିଷ୍ଟ ଭାବେ ବେଶି ଖୁସି ଦେଇଛି।

ସରକାରୀ ରେକର୍ଡରେ ରହିବନି ବିକୃତ ବନାନ:

୬୪ ସ୍ଥାନର ପ୍ରକୃତ ଓଡ଼ିଆ ନାମର ହେବ ପୁନରୁଦ୍ଧାର

ଭୁବନେଶ୍ୱର,୧୩/୬(ନି/ପ୍ର): ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରିଥିଲେ । ରାତି ସାଢ଼େ ୧୧ଟାରେ ବୈଠକ ସରିବା ପରେ ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ ଯେ ବିକଶିତ ଭାରତ ରୋଜଗାର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ୍ (ଗ୍ରାମୀଣ) ଅଧିନିୟମ (ବିଭିଜୀ-ରାମଜୀ) ଭଳି ରାଜ୍ୟରେ ବିଭିଜୀ-ରାମଜୀ-ଓଡ଼ିଶାକୁ ଅନୁମୋଦନ କରିଛି ରାଜ୍ୟ କ୍ୟାବିନେଟ୍ । ଏହି ଯୋଜନାରେ ରାଜ୍ୟରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରାଯିବ । ପ୍ରତି ଯୋଗ୍ୟ ଗ୍ରାମୀଣ ପରିବାରକୁ ବର୍ଷରେ ୧୨୫ ଦିନର କର୍ମନିଯୁକ୍ତି ଗ୍ୟାରେଣ୍ଟି ଦିଆଯିବ । ଗ୍ରାମାଞ୍ଚଳରେ ବିଶେଷ କରି ଜଳସୁରକ୍ଷା, ମୌଳିକ ଗ୍ରାମୀଣ ଭିତିଭୂମି, ଜୀବିକା ସମ୍ବନ୍ଧୀୟ ଭିତିଭୂମି ଓ ଚରମ ପାଣିପାଗ ପରିସ୍ଥିତିର ପ୍ରଶମନ ଏବଂ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ହେବ । ଗ୍ରାମୀଣ ବିକାଶ ସୁନିଶ୍ଚିତ କରିବା ପାଇଁ ସହଭାଗୀ ତଥା ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ପ୍ରଣାଳୀ ମାଧ୍ୟମରେ 'ବିକଶିତ ଗ୍ରାମ ପଚାଂୟତ ଯୋଜନା' ପ୍ରସ୍ତୁତି କରାଯିବ । ଏ ବାବଦରେ ୫୫୭୫ କୋଟି ଖର୍ଚ୍ଚ ହେବ । ଉଭୟ ରାଜ୍ୟ ଓ କେନ୍ଦ୍ର ଏ ନେଇ ୬୦:୪୦ ଅନୁପାତରେ ପାଣ୍ଠି ଯୋଗାଇବେ । ଏହି ଯୋଜନା ଆସନ୍ତା ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହେବ । ଏବେ ରାଜ୍ୟରେ ଅନେକ ସ୍ଥାନର ସରକାରୀ ରେକର୍ଡରେ ବିକୃତ ବନାନ ବ୍ୟବହାର ହେଉଥିବା ବେଳେ ତାହାକୁ ସଂଶୋଧନ କରାଯିବ । ୨୬ଟି ଜିଲ୍ଲାର ୬୪ଟି ସ୍ଥାନର ସଂଶୋଧିତ ଇଂରାଜୀ ବନାନକୁ ଚୂଡାନ୍ତ କରି ପ୍ରକୃତ ଓଡ଼ିଆ ନାମର ପୁନରୁଦ୍ଧାର କରାଯିବ । କ୍ୟାବିନେଟର ଅନୁମୋଦନ ପରେ ରାଜ୍ୟ ସରକାର ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟକୁ ଅବଗତ କରାଯିବ । ଏହାସହ ସର୍ଭେ ଅଫ୍ ଇଣ୍ଡିଆ, ଭାରତୀୟ ରେଳବାଇ, ଡାକ ବିଭାଗ, ରେଜିଷ୍ଟ୍ରାର ଜେନେରାଲ, ଜନଗଣନା କମିଶନରଙ୍କ ସମେତ କେନ୍ଦ୍ରୀୟ ସଂସ୍ଥାଗୁଡିକୁ ନିଜର ସରକାରୀ ରେକର୍ଡରେ ଆବଶ୍ୟକୀୟ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରାଯିବ । କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏହି ସୂଚନା ଦେଇଛନ୍ତି । ସେହିପରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଟାଉନ ପ୍ଲାନିଂ ଅଚଂଳ (ଟିପି-୧, ୨,୩) ପାଇଁ ଭୂତଳ ସ୍ୱେରେଜ ବିଛାଇବ ୱାଟକୋ । ୧୭୫ କୋଟି ଟଙ୍କା ବ୍ୟୟରେ ଏହି ସ୍ୱେରେଜ ପ୍ରକଳ୍ପ ହେବ ।

ଆସନ୍ତାବର୍ଷ ଗୋଟିଏ-ଦୁଇଟି ରାଜ୍ୟ ବ୍ୟତୀତ ସମଗ୍ର ଉତର-ପୂର୍ବରୁ ଆଫ୍‌ସ୍ପା ହଟାଯିବ

ନୂଆଦିଲ୍ଲୀ,୧୩/୬:ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଉତର-ପୂର୍ବ ଭାରତ ବିଷୟରେ ଦୁଇଟି ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ୨୦୨୭ ସୁଦ୍ଧା ଗୋଟିଏ କିମ୍ବା ଦୁଇଟି ରାଜ୍ୟ ବ୍ୟତୀତ ସମଗ୍ର ଉତ୍ତର-ପୂର୍ବ ଅଚଂଳରୁ ସଶସ୍ତ୍ର ବାହିନୀ (ସ୍ୱତନ୍ତ୍ର କ୍ଷମତା) ଅଧିନିୟମ (ଆଫ୍‌ସ୍ପା) ପ୍ରତ୍ୟାହାର କରାଯିବ। ଶାହ କହିଛନ୍ତି ଯେ ଆଫ୍‌ସ୍ପା ପରିସରରେ କ୍ରମାଗତ ହ୍ରାସ ଏହି ଅଚଂଳରେ ଶାନ୍ତି ଫେରିବାର ସଙ୍କେତ ଦେଉଛି। ଏହା ବ୍ୟତୀତ ଆସାମ ଓ ନାଗାଲାଣ୍ଡ ମଧ୍ୟରେ ବିବାଦୀୟ ସୀମା ଅଚଂଳରେ ତୈଳ ଓ ଗ୍ୟାସ ଉତ୍ପାଦନ ପୁଣି ଆରମ୍ଭ କରିବାକୁ କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଶାହ କହିଛନ୍ତି ଯେ, ଏହି ଚୁକ୍ତିନାମା ଦ୍ୱାରା ତୈଳ ଉତ୍ପାଦନ କ୍ଷମତା ବର୍ତ୍ତମାନର ଦୈନିକ ୧,୦୦୦-୧,୫୦୦ ବ୍ୟାରେଲରୁ ପ୍ରାୟ ୧୦ ଗୁଣ ବୃଦ୍ଧି ପାଇବ। ଗୋଟିଏ ତୈଳ କ୍ଷେତ୍ରରୁ ୧୫,୦୦୦ କୋଟିରୁ ଅଧିକ ମୂଲ୍ୟର ତୈଳ ଓ ଗ୍ୟାସ ଉପଲବ୍ଧ ହେବ ବୋଲି ଆକଳନ କରାଯାଇଛି।

ପରବର୍ତ୍ତୀ ସ୍ଥଳସେନା ମୁଖ୍ୟ ହେଲେ ଲେଫ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍

ନୂଆଦିଲ୍ଲୀ,୧୩/୬: ଲେଫ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍ ପରବର୍ତ୍ତୀ ସ୍ଥଳସେନା ମୁଖ୍ୟ। ସ୍ଥଳସେନା ମୁଖ୍ୟ ଭାବେ ଧୀରଜ ସେଠ୍‌ଙ୍କୁ ନିଯୁକ୍ତି ଦେଲେ କେନ୍ଦ୍ର ସରକାର। ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ନେବେ ଧୀରଜ ସେଠ୍। ଜୁନ୍ ୩୦ ରୁ ୨୦୨୮ ଅଗଷ୍ଟ ୩୧ ଯାଏଁ ସ୍ଥଳସେନା ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ ଧୀରଜ ସେଠ୍। ବର୍ତ୍ତମାନ ସେ ସେନାର ଉପାଧ୍ୟକ୍ଷ ସେନା ଉପାଧ୍ୟକ୍ଷ ଅଛନ୍ତି ଧୀରଜ ସେଠ୍। ସେ ଚଳିତ ବର୍ଷ ଏପ୍ରିଲ ୧ରେ ଉପାଧ୍ୟକ୍ଷ ଭାବେ ଗ୍ରହଣ କରିଥିଲେ। ଜାତୀୟ ପ୍ରତିରକ୍ଷା ଏକାଡେମୀ, ଖଡକୱାସଲାର ପୂର୍ବତନ ଛାତ୍ର ଥିଲେ ।

ବାଲିଷ୍ଟିକ ମିସାଇଲ୍ ପ୍ରତିହତ କରିବାରେ ଭାରତ ପାଇଲା ମହାରଥ

ଚାନ୍ଦିପୁର,୧୩/୬(ନି/ପ୍ର): ଦେଶର ସୁରକ୍ଷା କ୍ଷେତ୍ରରେ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଉଜଉଙ)କୁ ଏକ ବଡ଼ ସଫଳତା ହାସଲ ମିଳିଛି। ଶତ୍ରୁପକ୍ଷର ବିଭିନ୍ନ ପ୍ରକାରର ବିପଦରୁ ଦେଶକୁ ରକ୍ଷା କରିବା ପାଇଁ ଉଜଉଙ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟାର ସଫଳ ପ୍ରଦର୍ଶନ କରିଛି, ଯାହା ଭାରତର ସାମରିକ ଶକ୍ତିକୁ ଆହୁରି ମଜବୁତ କରିବ। ଦୂରଗାମୀ ବାଲିଷ୍ଟିକ ମିସାଇଲ୍ (ଖଙ୍କଭଶ କ୍ସବଭଶର ଇବକ୍ଷକ୍ଷସଶ୍ୱଶ୍ୱସମ ଗସଶ୍ୱ-ଶ୍ୱସକ୍ଷରଶ୍ୱ) ବିରୋଧରେ ମଲ୍ଟି-ଲେୟାର୍ ଡିଫେନ୍ସ (ବହୁସ୍ତରୀୟ ସୁରକ୍ଷା) ଏବଂ ମଧ୍ୟମ ଦୂରତାରେ ଆଣ୍ଟି-ସିପ୍ (ଜାହାଜ ବିଧ୍ୱଂସୀ) କ୍ଷମତାର ପ୍ରଦର୍ଶନ ପାଇଁ ପରସ୍ପର ସହିତ ଜଡ଼ିତ ତିନୋଟି ପର୍ଯ୍ୟାୟ ଫ୍ଲାଇଟ୍-ଟେଷ୍ଟ ସଫଳତାର ସହ କରାଯାଇଛି। ମଲ୍ଟି-ଲେୟାର୍ ବାଲିଷ୍ଟିକ ମିସାଇଲ୍ ଡିଫେନ୍ସ (ଈଗଉ) କ୍ଷମତାର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷା ସମୟରେ ଇଣ୍ଟରସେପ୍ଟର ଗୁଡ଼ିକ ନିଜ ନିଜର ଟାର୍ଗେଟ୍‌କୁ ସଫଳତାର ସହ ଧ୍ୱଂସ କରିଛନ୍ତି। ଆଗାମୀ ଦିନରେ ଆସୁଥିବା ନୂଆ ନୂଆ ମିସାଇଲ୍ ବିପଦକୁ ପ୍ରତିହତ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହି ସିଷ୍ଟମକୁ ପ୍ରସ୍ତୁତ କରାଯାଇଛି। ଏହି ସଫଳ ପରୀକ୍ଷଣ ସହିତ ଭାରତ ବିଶ୍ୱର ସେହି ସୀମିତ ଦେଶମାନଙ୍କ ତାଲିକାରେ ସାମିଲ ହୋଇଛି, ଯେଉଁମାନଙ୍କ ପାଖରେ ଆଇସିବିଏମ୍ ଭଳି ଶକ୍ତିଶାଳୀ ବାଲିଷ୍ଟିକ ମିସାଇଲ୍‌କୁ ମଧ୍ୟ ଆକାଶରେ ଧ୍ୱଂସ କରିବାର କ୍ଷମତା ରହିଛି। ମଧ୍ୟମ ଦୂରତାରେ ସାମୁଦ୍ରିକ ଜାହାଜ ବିଧ୍ୱଂସୀ ପ୍ରତିରକ୍ଷା ପ୍ରଣାଳୀର ପ୍ରଦର୍ଶନ ପାଇଁ 'ନାଭାଲ୍ ଆଣ୍ଟି-ସିପ୍ ମିସାଇଲ୍-ମିଡିୟମ୍ ରେଞ୍ଜ' (ଘବଙ୍ଗବକ୍ଷ ଇଭଶ୍ୱସ-ଝକ୍ଷସକ୍ତ ଗସଶ୍ୱ-ଶ୍ୱସକ୍ଷର-ଗରୟସଙ୍କଙ୍ଗ ଜବଭଶର) ର ପ୍ରଥମ ଉଡ଼ାଣ ପରୀକ୍ଷଣ କରାଯାଇଛି, ଯାହା ସମ୍ପୂର୍ଣ୍ଣ ସଫଳ ହୋଇଛି। ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ସଫଳ ପ୍ରଦର୍ଶନ ପାଇଁ ଉଜଉଙର ସମସ୍ତ ବୈଜ୍ଞାନିକ ଓ ସହଯୋଗୀଙ୍କୁ ଦେଶବ୍ୟାପୀ ଶୁଭେଚ୍ଛା ଜଣାଯାଉଛି। ମଲ୍ଟି-ଲେୟାର୍ ବାଲିଷ୍ଟିକ ମିସାଇଲ୍ ଡିଫେନ୍ସ (ଈଗଉ) କ୍ଷମତାର ସଫଳ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷା ସମୟରେ ଇଣ୍ଟରସେପ୍ଟର ଗୁଡ଼ିକ ନିଜ ନିଜର ଟାର୍ଗେଟ୍‌କୁ ସଫଳତାର ସହ ଧ୍ୱଂସ କରିଛନ୍ତି।

ହର୍ମୁଜ୍ ପ୍ରଣାଳୀରୁ ସେବା ଶୁଳ୍କ ଆଦାୟ କରିବ ଇରାନ !

ତେହେରାନ,୧୩/୬: ଆମେରିକା ଏବଂ ଇରାନ ମଧ୍ୟରେ ଏକ ଚୂଡ଼ାନ୍ତ ଚୁକ୍ତିର ରିପୋର୍ଟ ମଧ୍ୟରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଏକ ପ୍ରମୁଖ ବିବୃତି ରଖିଛନ୍ତି। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀ ଉପରେ ଇରାନର ଚାପ ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିବ। ଆବଶ୍ୟକ ହେଲେ ଇରାନ ସଶସ୍ତ୍ର ବାହିନୀ ହସ୍ତକ୍ଷେପ କରିବ। ଇରାନର ଅର୍ଦ୍ଧ-ସରକାରୀ ତସନିମ୍ ନ୍ୟୁଜର ଏକ ରିପୋର୍ଟ ଅନୁଯାୟୀ, ଆରାଘଚି କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ଏକ ଶୁଳ୍କ ଆଦାୟ ଚାଲିଛି ଆଲୋଚନାର ଏକ ଅଂଶ। ରିପୋର୍ଟ ଅନୁଯାୟୀ, ଆରାଘଚି କହିଛନ୍ତି ଯେ ଆନ୍ତର୍ଜାତୀୟ ଆଇନ ଅନୁଯାୟୀ ହର୍ମୁଜ୍ ପ୍ରଣାଳୀରେ ଏକ ପରିବହନ ଶୁଳ୍କ ଲାଗୁ କରିବା ସମ୍ଭବ ନୁହେଁ। କିନ୍ତୁ ଇରାନ ଏକ ସେବା ଶୁଳ୍କ ଆଦାୟ କରୁଛି। ଏହି ବିଷୟ ଚାଲୁଥିବା ଆଲୋଚନାର ଏକ ଅଂଶ। ଆରାଘଚିଙ୍କ ବକ୍ତବ୍ୟ ଟ୍ରମ୍ପଙ୍କ ଦାବିର ବିରୁଦ୍ଧାଚରଣ କରେ ଯେ ଚୁକ୍ତି ପରେ ହର୍ମୁଜ୍ ପ୍ରଣାଳୀ ସମସ୍ତଙ୍କ ପାଇଁ ଖୋଲା ରହିବ ଏବଂ କୌଣସି ଶୁଳ୍କ ଲାଗୁ କରାଯିବ ନାହିଁ। ଆରାଘଚି କହିଛନ୍ତି, ଆମେରିକା ସହିତ ଚୁକ୍ତି କିଛି ଦିନ ମଧ୍ୟରେ ସ୍ୱାକ୍ଷରିତ ହୋଇପାରେ। ସେ କହିଛନ୍ତି ଯେ ଉଭୟ ପକ୍ଷ ଏକ ଚୁକ୍ତି ପାଇଁ ପୂର୍ବ ଅପେକ୍ଷା ଅଧିକ ନିକଟତର। ଇସ୍ରାଏଲ ଇରାନ ଏବଂ ଆମେରିକା ମଧ୍ୟରେ ଚୁକ୍ତିକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଛି। ଇରାନର ସରକାରୀ ଟିଭିରେ ଆରାଘଚି କହିଛନ୍ତି ଯେ ଆମେରିକା ସହିତ ଚୁକ୍ତିରେ ଲେବାନନରେ ଯୁଦ୍ଧବିରତି ମଧ୍ୟ ଅନ୍ତର୍ଭୁକ୍ତ। ଦୁଇ ପର୍ଯ୍ୟାୟ ଚୁକ୍ତି, ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଚୁକ୍ତିରେ ୧୪ଟି ଧାରା ରହିଛି, ପ୍ରଥମ ପର୍ଯ୍ୟାୟ ଇରାନ ଏବଂ ଲେବାନନ୍ ମଧ୍ୟରେ ଯୁଦ୍ଧ ସମାପ୍ତ କରିବ, ତେହେରାନ ଏବଂ ୱାସିଂଟନ୍ ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବେ ନାହିଁ, ଦ୍ୱିତୀୟ ପର୍ଯ୍ୟାୟରେ ପରମାଣୁ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ, ଯାହା ୬୦ଦିନ ପର୍ଯ୍ୟନ୍ତ ରହିବ, ଆରାଘଚି ଏହା ମଧ୍ୟ କହିଛନ୍ତି ଯେ ଚୁକ୍ତିନାମାର ଡ୍ରାଫ୍ଟ ଏବେ ବି ବାହାରୁଛି, ଯାହା ମଧ୍ୟରୁ କୌଣସିଟି ଇରାନ ଦ୍ୱାରା ଅନୁମୋଦନ କରାଯାଇ ନାହିଁ। ପୂର୍ବରୁ ହ୍ୱାଇଟ୍ ହାଉସରେ ଟ୍ରମ୍ପ କହିଥିଲେ ଯେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଚିଂଛି ଏବଂ ଦଲିଲ ପ୍ରସ୍ତୁତ କରାଯାଉଛି, ଯାହା ସପ୍ତାହର ବିବାଦ ପରେ ଏକ ପ୍ରମୁଖ କୂଟନୈତିକ ସଫଳତା।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଫୁଲବାଣୀ ପୌରପରିଷଦ ପକ୍ଷରୁ ସହରାଂଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ

କନ୍ଧମାଳ,୧୩/୬(ନି/ପ୍ର): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ଫୁଲବାଣୀ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ଗୁରୁବାର 'ସହରାଂଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ସହର ବିକାଶ ପ୍ରକ୍ରିୟାରେ ସାଧାରଣ ନାଗରିକଙ୍କ ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବା ଏବଂ ପୌର ସେବାକୁ ଅଧିକ ଜନମୁଖୀ କରିବା, ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଫୁଲବାଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି କାର୍ଯ୍ୟକ୍ରମର ଅତିଥି ଓ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହରାଂଚଳର ସାମଗ୍ରିକ ବିକାଶରେ ନାଗରିକଙ୍କ ସକ୍ରିୟ ଭାଗିଦାରୀ ଓ ପ୍ରଶାସନ ସହ ଜନସାଧାରଣଙ୍କ ନିବିଡ଼ ସମନ୍ୱୟର ଗୁରୁତ୍ୱ ସେ ଉଲ୍ଲେଖ କରିଥିଲେ। ଆୟୋଜିତ ସମାବେଶରେ ଫୁଲବାଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ସାଂସଦ ପ୍ରତିନିଧି ଅଜିତ କୁମାର ପଟ୍ଟନାୟକ ଏବଂ କନ୍ଧମାଳ ଜିଲ୍ଲା ସହରାଂଚଳ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଓ ବିକାଶମୂଳକ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସହରର ସାମଗ୍ରିକ ବିକାଶ ପାଇଁ ପ୍ରଶାସନ ଓ ନାଗରିକଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ମଧୁବାବୁ ପେନସନ ଯୋଜନାର ଭତା ଏବଂ ନୂତନ ରେସନ କାର୍ଡ ବଣ୍ଟନ କରାଯାଇଥିଲା। ଏହାସହ ପୌର ସେବାରେ ସ୍ୱଚ୍ଛତା, ଜବାବଦିହିତା ଏବଂ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର 'କ୍ୟୁ ଆର' କୋଡ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏହା ମାଧ୍ୟମରେ ନାଗରିକମାନେ ସହଜରେ ନିଜର ଅଭିଯୋଗ, ପରାମର୍ଶ ଏବଂ ବିକାଶ ସମ୍ପର୍କିତ ମତାମତ ପୌର ପ୍ରଶାସନ ନିକଟରେ ପହଂଚାଇ ପାରିବେ। ଏହି ଅବସରରେ ପୌର ଅଧ୍ୟକ୍ଷା ଶ୍ରୀମତୀ ପାୟଲ ବେହେରାଙ୍କ ସମେତ କାଉନସିଲର ସୁଶ୍ରୀ ମାଧବୀ ମିଶ୍ର, ସୁଶ୍ରୀ ବିରାଜ କହଁର, ରାଜେନ୍ଦ୍ର ପାଢ଼ୀ, ଶ୍ରୀବସ୍ତ ବେହେରା, ଶ୍ରୀମତୀ କୁନି ସେଠୀ ଏବଂ ଅନ୍ୟାନ୍ୟ କାଉନସିଲର ଉପସ୍ଥିତ ରହିଥିଲେ। ଏଥିସହ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଚିନ୍ତିଏଲ ନାଇକା, ପୌର ପରିଷଦର କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ , ଅଙ୍ଗନୱାଡ଼ି ଓ ଆଶା କର୍ମୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଏବଂ ବହୁ ସଂଖ୍ୟକ ସହରବାସୀ ଯୋଗଦେଇଥିଲେ। ଶେଷରେ ଶ୍ରୀ ସତ୍ୟ ପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଡଙ୍ଗା ଓଲଟି ମତ୍ସ୍ୟଜୀବୀ ନିଖୋଜ

ପାଲଲହଡା,୧୩/୬(ନି/ପ୍ର): ପାଲଲହଡା ବ୍ଲକ କରଡ଼ାପାଳ ପଚାଂୟତର ଲାଣ୍ଡିଝରି ଗାଁ କୁଶବଣିଆ ସାହିର ମତ୍ସ୍ୟଜୀବୀ ଅନିଲ ଜାମୁଦା ଗତକାଲି ଦିନ ତିନିଟାରେ ରେଙ୍ଗାଲି ଜଳ ଭଣ୍ଡାରକୁ ମାଛ ଧରା ହୋଲି ଡ଼ଙ୍ଗା ନେଇ ମାଛ ମାରିବାକୁ ଯାଇଥିବା ବେଳେ ଅପରାହ୍ନ ପାଚଂଟାରେ କଳାବୈଶାଖୀ ପବନ ଯୋଗୁଁ ଜଳ ଭଣ୍ଡାର ଭିତରେ ଡ଼ଙ୍ଗାଟି ଓଲଟି ଯାଇଥିଲା। ଅନିଲ ପହଁରି ପହଁରି କିଛି ବାଟ ଆସିଥିଲେ, କୂଳକୁ ଆସିବାକୁ ଚେଷ୍ଟା କରୁଥିବା ବେଳେ ପ୍ରବଳ ପବନ ଓ ଲହଡି ଯୋଗୁଁ ପାଣି ଭିତରେ ବୁଡ଼ି ନିଖୋଜ ହୋଇଯାଇଥିଲେ, ଖବର ପାଇ ପାଲଲହଡା ଦମକଳ ବାହିନୀ ଘଟଣା ସ୍ଥଳରେ ପହଚିଂ ଖୋଜା ଖୋଜି ଆରମ୍ଭ କରିଥିଲେ। କିନ୍ତୁ ଅନିଲଙ୍କୁ ପାଇ ନଥିଲେ। ଆଜି ଅନିଲଙ୍କୁ ଠାବ କରିବାପାଇଁ ଦମକଳ ବାହିନୀ ପକ୍ଷରୁ ଜଳଭଣ୍ଡାର ଭିତରେ ଖୋଜାଖୋଜି ଉଦ୍ୟମ ଜାରି ରହିଛି।

ଭଣ୍ଡାରେ ବୈତରଣୀ କପ୍ :

ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ପ୍ରତିଶୃତି ଦେଲେ ମୁଖ୍ୟ ଅତିଥି

ଚମ୍ପୁଆ,୧୩/୬(ନି/ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମର ଖେଳ ପଡ଼ିଆରେ ଆୟୋଜିତ ହେଉଥିବା 'ବୈତରଣୀ କପ୍' କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ତଥା ଜିଲ୍ଲା ବିଜେପି ଉପସଭାପତି ସିଦ୍ଧାର୍ଥ ସିଂ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସିଂ କ୍ରିକେଟ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖେଳର ମହତ୍ୱ ଉପରେ ଆଲୋକପାତ କରିଥିଲେ। ତେବେ ଖେଳ ପଡ଼ିଆର ବର୍ତ୍ତମାନର ସ୍ଥିତିକୁ ଦେଖି ସେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ପଡ଼ିଆର ଉନ୍ନତିକରଣ କାର୍ଯ୍ୟ ଅଧୁରା ଥିବାରୁ ଏହା ଖେଳାଳିଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି ବୋଲି ସେ କହିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଚମ୍ପୁଆ ବ୍ଲକ ପ୍ରଶାସନ ସହ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ, ପଡ଼ିଆର ବିକାଶ ନିମନ୍ତେ ସାଂସଦଙ୍କୁ ମଧ ବିଷୟଟି ଅବଗତ କରାଇବେ ବୋଲି ସେ ମଂଚରେ ଘୋଷଣା କରିଥିଲେ। ସ୍ଥାନୀୟ କ୍ରୀଡ଼ାପ୍ରେମୀମାନେ ଶ୍ରୀ ସିଂଙ୍କ ଏହି ପ୍ରତିଶ୍ରୁତିକୁ ସ୍ୱାଗତ କରିଛନ୍ତି।

କାଳବୈଶାଖୀ ବର୍ଷା ଯୋଗୁଁ ଆନନ୍ଦପୁର ସହର ମଧ୍ୟରେ ଗଛପଡ଼ି ରାସ୍ତାଅବରୋଧ

ସମାଜସେବୀ ଓ ଜନନେତା ସ୍ୱର୍ଗତ ଅନନ୍ତ ପ୍ରସାଦ ରାଉତଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧବାର୍ଷିକୀ

ଭଦ୍ରକ,୧୩/୬(ନି/ପ୍ର) :ଏହି ଜିଲାର ଧାମନଗର ବ୍ଲକ ପଧାନୀ ପଂଚାୟତର ପୂର୍ବତନ ସମିତି ସଭ୍ୟ ତଥା କରଦା ସେବା ସମବାୟ ସମିତିର ଦୁଇଥର ସଭାପତି ଭାବେ ନିରବଚ୍ଛିନ୍ନ ସେବା ଯୋଗାଇଥିବା ସ୍ୱର୍ଗତ ଅନନ୍ତ ପ୍ରସାଦ ରାଉତଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧବାର୍ଷିକୀ ଗୁରୁବାର ଦିନ ଆଠଗରିଆ ସ୍ଥିତ ବାସଭବନରେ ଭକ୍ତିପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। ସ୍ଥାନୀୟ ଅଂଚଳରେ ଜଣେ ନିଃସ୍ୱାର୍ଥପର ସମାଜସେବୀ, ପରୋପକାରୀ ଓ ଜନନେତା ଭାବେ ତାଙ୍କର ଅବଦାନ ସ୍ମରଣୀୟ ହୋଇ

ଚମ୍ପୁଆ ବ୍ଲକରେ ସରକାରୀ ନିୟମକୁ ଜଳାଞ୍ଜଳି :

ସୂଚନା ଫଳକ ବିନା ଚାଲିଛି 'ଗୋପନ ବିକାଶ'

ଚମ୍ପୁଆ,୧୩/୬(ନି/ପ୍ର): ଗ୍ରାମାଂଚଳର ବିକାଶ ପାଇଁ ସରକାର ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଠିକାଦାର ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଯୋଗୁଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଫଳରେ ଦିନକୁ ଦିନ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସରକାରଙ୍କ ନିୟମ ଅନୁଯାୟୀ, ଯେକୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। ମାତ୍ର ଚମ୍ପୁଆ ବ୍ଲକର ବିଭିନ୍ନ ପଂଚାୟତରେ ନିର୍ମାଣ ଚାଲିଥିବା 'ସୁଭଦ୍ରା ଶକ୍ତି କେନ୍ଦ୍ର' ଗୃହ ଗୁଡ଼ିକରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପୂର୍ବରୁ ଜାଳି ପଂଚାୟତରେ ନିର୍ମାଣାଧୀନ ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହରେ ହେଉଥିବା ଅନିୟମିତତା ସମ୍ପର୍କରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ନିରବ ଦ୍ରଷ୍ଟା ସାଜିଛି। ସେହିପରି ଭଣ୍ଡା ଓ ଚନ୍ଦ୍ରଶେଖରପୁର ପଂଚାୟତରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବାକୁବସିଥିଲେ ବି ଏପର୍ଯ୍ୟନ୍ତ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଏବଂ ସରକାରୀ ନୀତି ନିୟମକୁ ଆଖିଠାର ମାରି ଏହି କାର୍ଯ୍ୟ ଚାଲିଛି। ଚମ୍ପୁଆ ବ୍ଲକରେ ଚାଲିଥିବା ଏଭଳି 'ଗୋପନ ବିକାଶ'କୁ ନେଇ ଏବେ ସ୍ଥାନୀୟ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି। ଏହି ପ୍ରକଳ୍ପ ପାଇଁ ଅନୁଦାନ କେଉଁଠୁ ଆସୁଛି ? କାମ କିଏ କରୁଛି ? ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ଗୃହ ଗୁଡ଼ିକର ସ୍ଥାୟିତ୍ୱ କେତେ ଦିନ ? ଏଭଳି ଅନେକ ପ୍ରଶ୍ନ ଏବେ ଚାପା ଉତେଜନା ସୃଷ୍ଟି କରିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

ଯନ୍ତ୍ରଣା ଦେଇଛି 'ମାଣିକ' : ସ୍ୱପ୍ନ ପାଇଁ ସର୍ବସ୍ୱ ହରାଇଛନ୍ତି ରଘୁ ପିଲ୍ଲାଇ

କେନ୍ଦୁଝର,୧୩/୬(ନି/ପ୍ର): ଜୀବନରେ ଏମିତି କିଛି ସ୍ୱପ୍ନ ଥାଏ ଯାହା ପୂରଣ ହେବା ପରେ ମଣିଷକୁ ତା'ର ପରିଚୟ ମିଳିଥାଏ। ଆଉ କିଛି ସ୍ୱପ୍ନ ପୂରଣ କରିବାକୁ ଯାଇ କେବଳ ଯନ୍ତ୍ରଣା ପାଏ। ଓଡ଼ିଆ ଚଳଚ୍ଚିତ୍ର 'ମାଣିକ' ପାଇଁ ଦେଖିଥିବା ସ୍ୱପ୍ନ ଆଜି ପ୍ରବୀଣ ଚିତ୍ରଶିଳ୍ପୀ ତଥା ଚଳଚ୍ଚିତ୍ର ନିର୍ମାତା ରଘୁ ପିଲ୍ଲାଇଙ୍କ ଜୀବନର ସବୁଠାରୁ ବଡ଼ ଯନ୍ତ୍ରଣାଦାୟକ ଅଧ୍ୟାୟ ହୋଇ ରହିଯାଇଛି। ଯେଉଁ ସିନେମା ପାଇଁ ସେ ନିଜର ସଚିଯତ ସମ୍ପତି, ଶ୍ରମକୁ ବାଜିରେ ଲଗାଇଥିଲେ ତାହା ତାଙ୍କୁ ସର୍ବହରା କରିଦେଇଛି। ୯୭ବର୍ଷ ବୟସରେ ପହଚିଂଥିବା ରଘୁ ପିଲ୍ଲାଇ ଆଜି କେନ୍ଦୁଝରର ଏକ ଭଡ଼ାଘରେ ନିଃସଙ୍ଗ ଜୀବନ ବିତାଉଛନ୍ତି। ଅସୁସ୍ଥତା, ଆର୍ଥିକ ଅନଟନ ଓ ବୟସାଧିକ୍ୟ ସତ୍ତ୍ୱେ ତାଙ୍କ ହାତରୁ ତୂଳୀ ଖସିନାହିଁ। କାନଭାସ୍, ରଙ୍ଗ, ତୂଳୀ ତାଙ୍କ ଜୀବନର ଶେଷସାଥୀ ପାଲଟିଛନ୍ତି। କେରଳରେ ଜନ୍ମିତ ରଘୁ ଓଡ଼ିଶାର ମାଟି, ପବନ, ଐତିହ୍ୟକୁ ଭଲ ପାଉଥିବା ଜଣେ ମଣିଷ। ଦାରିଦ୍ର୍ୟତା କାରଣରୁ ମାଟ୍ରିକ୍ ପର୍ଯ୍ୟନ୍ତ ପାଠପଢ଼ିବାର ସୁଯୋଗ ପାଇଥିଲେ। ପରେ କେରଳରେ ଏକ ଆର୍ଟ ସ୍କୁଲରେ ଦୁଇବର୍ଷ ଶିକ୍ଷା ଗ୍ରହଣ କରିଥିଲେ। ୨୬ବର୍ଷ ବୟସରରେ ସେ କେରଳ ଛାଡ଼ି ଚେନ୍ନାଇ ପଳାଇଥିଲେ। ସେଠାରେ କିଛିଦିନ ରହି ବିଭିନ୍ନ ଚଳଚ୍ଚିତ୍ରରେ କଳା ନିର୍ଦ୍ଦେଶକ ଭାବେ କାମ କଲେ। ଅଭିଜ୍ଞତା ସାଉଁଟିବା ସତ୍ତ୍ୱେ ଚଳଚ୍ଚିତ୍ର ଜଗତ ତାଙ୍କୁ ବାନ୍ଧି ରଖିପାରି ନଥିଲା। ୧୯୫୮ରେ ଷଢ଼େଇକଳା ଆସି ଏକ ଷ୍ଟୁଡିଓରେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। କ୍ୟାମେରାର ଫଟୋ ମଧ ତାଙ୍କ ରଙ୍ଗତୂଳୀ ଆଗରେ ହାର ମାନିଯିବ। କେନ୍ଦୁଝରର ଇଞ୍ଜିନିୟର ପ୍ରଫୁଲ୍ଲ କୁମାର ମିଶ୍ର ଗାଡ଼ି ମରାମତି କରିବାକୁ ଯାଇଥିବା ବେଳେ ରଘୁଙ୍କୁ ଭେଟିଥିଲେ। ୧୯୬୨ରେ ତାଙ୍କୁ କେନ୍ଦୁଝର ଡାକି ଆଣି ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ ଚିତ୍ର ଏବଂ ରାସ୍ତାର ଦୂରତା ସୂଚନାଫଳକରେ ଲେଖିବା ଦାୟିତ୍ୱ ଦେଇଥିଲେ। ସେବେଠାରୁ ସେ କେନ୍ଦୁଝରିଆ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସ୍ୱାଧୀନତା ସଂଗ୍ରାମୀ ଧରଣୀଧରଙ୍କ କୌଣସି ଫଟୋଚିତ୍ର ନଥିଲା। ରାଜଉଆସରେ ଥିବା ଧରଣୀଧରଙ୍କ ଫଟୋ ମାତ୍ର କେଇ ମୁହୂର୍ତ୍ତ ଦେଖିବା ପରେ ସେ ନିଜ ରଙ୍ଗ, ତୂଳୀରେ ତାହାକୁ ବାସ୍ତବ ରୂପ ଦେଇଥିଲେ। ୧୯୮୦ରେ ରଘୁ ଓଡ଼ିଆ ଚଳଚ୍ଚିତ୍ର 'ମାଣିକ' ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ନିଜ ଝିଅଙ୍କ ନାମରେ ଗଠିତ ରୂପା ଇଂଟରନ୍ୟାସନାଲ୍ ବ୍ୟାନରରେ ସେ ଏହି ସିନେମା ନିର୍ମାଣ ଆରମ୍ଭ କରିଥିଲେ। ଏଥିପାଇଁ ବ୍ୟାଙ୍କରୁ ସେ ପ୍ରାୟ ୧୦ଲକ୍ଷ ଟଙ୍କା ଋଣ ନେଇଥିଲେ। ଏହାଛଡ଼ା ବହୁ ବର୍ଷର ସଂଚୟ ଅର୍ଥ ମଧ ଏହି ସିନେମାରେ ଖର୍ଚ୍ଚ କରିଥିଲେ। ସିନେମା ସୁଟିଂ ଶେଷ ହେଲା, କିନ୍ତୁ ଆର୍ଥିକ ସଂକଟ ରଘୁଙ୍କୁ ଘେରିଥିଲା। ପରିସ୍ଥିତି ଏପରି ହେଲା ଯେ ତାଙ୍କୁ ସିନେମାର ଅଧିକାର ଅନ୍ୟ ହାତକୁ ଛାଡ଼ିବାକୁ ପଡ଼ିଲା। ଯେଉଁ ସିନେମାକୁ ସେ ନିଜ ପ୍ରସ୍ତୁତ କରିଥିଲେ, ସେହି ସିନେମାରେ ତାଙ୍କର ପରିଚୟ କେବଳ କଳା ନିର୍ଦ୍ଦେଶକ ଓ ସ୍କ୍ରିନ୍ ରାଇଟ୍‌ରେ ସୀମିତ ରହିଲା। ଏହି ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା। ପତ୍ନୀଙ୍କ ମୃତ୍ୟୁ ପରେ ରଘୁଙ୍କ ଜୀବନ ନିଃସଙ୍ଗ ହୋଇପଡ଼ିଛି। ଦୁଇଝିଅଙ୍କ ବିବାହ ପରେ ସେ ଏବେ ଏକାକୀ ରହୁଛନ୍ତି। ମାସକୁ ପ୍ରାୟ ୫ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଭତା ମିଳୁଛି ମାତ୍ର ୧୨୦୦ ଟଙ୍କା। ଚିକିତ୍ସା, ଘରଭଡ଼ା ଓ ଦୈନନ୍ଦିନ ଖର୍ଚ୍ଚ ଭରଣା କରିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏହାସତ୍ତ୍ୱେ ରଘୁଙ୍କ ମଧ୍ୟରେ ଆଜି ବି କଳା ପ୍ରତି ସେହି ନିଷ୍ଠା ରହିଛି। ରଘୁଙ୍କ କହିବା ହେଲା, ବାର୍ଦ୍ଧକ୍ୟର ଯନ୍ତ୍ରଣାଠାରୁ 'ମାଣିକ' ଦେଇଥିବା ଆର୍ଥିକ କ୍ଷତି ଏବଂ ଅଧୁରା ସ୍ୱପ୍ନ ତାଙ୍କୁ ଅଧିକ କଷ୍ଟ ଦେଉଛି। ଓଡ଼ିଶାର କଳା, ସଂସ୍କୃତି ଓ ଚଳଚ୍ଚିତ୍ର କ୍ଷେତ୍ରକୁ ଅବଦାନ ଦେଇଥିବା ଏହି ପ୍ରବୀଣ କଳାକାରଙ୍କ ଅବସ୍ଥା ଆଜି ଅତ୍ୟନ୍ତ ଶୋଚନୀୟ। ଜୀବନସାରା କଳା ପାଇଁ ନିଜକୁ ସମର୍ପିତ କରିଥିବା ରଘୁ ପିଲ୍ଲାଇଙ୍କ ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଭଦ୍ରକ ନେହେରୁ ଷ୍ଟାଡିୟମ୍‌ର ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ

ଭଦ୍ରକ,୧୩/୬(ନି/ପ୍ର): ଭଦ୍ରକ ସହରର ପ୍ରମୁଖ କ୍ରୀଡ଼ା କେନ୍ଦ୍ର ନେହେରୁ ଷ୍ଟାଡିୟମ୍‌ର ବହୁ ପ୍ରତୀକ୍ଷିତ ଉନ୍ନତିକରଣ ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଆଜି ଆଡ଼ମ୍ବରପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ୍‌ର ସମଗ୍ର ଉନ୍ନତିକରଣ କରାଯିବାକୁ ଥିବାବେଳେ ଏହାକୁ ଜିଲ୍ଲାର କ୍ରୀଡ଼ା ଭିତିଭୂମି ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇଛି। ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ର ଓ ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ମାନ୍ୟବର ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ଖେଳ ସୁବିଧା, ଉନ୍ନତ ଭିତିଭୂମି ଓ ଖେଳାଳିମାନଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ସହ ନେହେରୁ ଷ୍ଟାଡିୟମ୍‌କୁ ଏକ ଆଦର୍ଶ କ୍ରୀଡ଼ା କେନ୍ଦ୍ରରେ ପରିଣତ କରାଯିବ। ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବାବେଳେ ଭଦ୍ରକ ସମେତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ କ୍ରୀଡ଼ା ଭିତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟର ଆହ୍ୱାନ ଜଣାଇଥିଲେ। ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଏହି ପ୍ରକଳ୍ପକୁ ଭଦ୍ରକର କ୍ରୀଡ଼ା ଇତିହାସରେ ଏକ ମାଇଲଖୁଂଟ ବୋଲି ଅଭିହିତ କରିଥିଲେ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଜିଲ୍ଲାର ଯୁବ ଖେଳାଳିମାନେ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତା ସୁବିଧା ପାଇବା ସହ ଭଦ୍ରକ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ପ୍ରସ୍ତାବିତ ଉନ୍ନତିକରଣ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପ୍ରକଳ୍ପ ମାଧ୍ୟମରେ ଷ୍ଟାଡିୟମ୍‌ରେ ଆଧୁନିକ କ୍ରୀଡ଼ା ଭିତିଭୂମି ସୃଷ୍ଟି, ଖେଳ ପଡ଼ିଆର ଉନ୍ନତି ଏବଂ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦିଆଯିବ। ଏହା ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ।

ପାଟଣା ବନାଂଚଳରେ ପଶିଲା ଗୋଠ ଛଡା ଦନ୍ତା

କେନ୍ଦୁଝର,୧୩/୬(ନି/ପ୍ର): ଉଖୁଣ୍ଡା ବନାଂଚଳ ଅଂଚଳରୁ ଗତରାତିରେ ଗୋଟିଏ ଗୋଠଛଡ଼ା ଦନ୍ତା ପାଟଣା ବନାଂଚଳ ମୁହାଁ ହୋଇଛି। ଆଜି ସକାଳୁ ପାଟଣା ବନାଂଚଳ ଅନ୍ତର୍ଗତ ତୁରୁମୁଙ୍ଗା ଗ୍ରାମର ବୈତରଣୀ ନିକଟ ସେଠୀ ବାଗାନରେ ଦନ୍ତାଟି ଥିବା ଦେଖା ଯାଇଥିଲା। ଆଜିଦିନ ତମାମ ବାଗାନର ଛାଇ ଅଂଚଳରେ ଦନ୍ତାଟି ବିଶ୍ରାମ କରୁଥିବା ଲକ୍ଷ କରାଯାଇଥିବା ବେଳେ ରାତିହେଲେ ଦନ୍ତା କୁଆଡେ ମୁହାଁଇବ ସେନେଇ ଅଂଚଳବାସୀ ଚିନ୍ତାରେ ଅଛନ୍ତି। ଦନ୍ତା ଉପରେ ନଜର ରଖା ଯାଇଥିବା ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି।

ବ୍ଲକସ୍ତରୀୟ ଉନ୍ନତ ମତ୍ସ୍ୟଚାଷ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୩/୬(ନି/ପ୍ର): କେନ୍ଦ୍ରାପଡ଼ା ବ୍ଲକ ସ୍ତରୀୟ ଉନ୍ନତ ମତ୍ସ୍ୟଚାଷ ସମ୍ପର୍କିତ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା କୃଷି ନିର୍ବାହୀ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଶୁଭ୍ରଜିତ ରାଉତ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ କୋକିଳା ମଞ୍ଜରୀ ନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର ଓ ପଟ୍ଟାମୁଣ୍ଡାଇ କୃଷି ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶ୍ରୀ ମୋନାଲି ସ୍ୱାଇଁ ଯୋଗ ଦେଇଥିଲେ। ଏବଂ ଅତିଥି ମାନେ ମଂଚାସୀନ ହେବା ପରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏବଂ ଏହା ପରେ ଅତିଥି ମାନେ ଦ୍ୱୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜିର ଏହି ଶିବିରରେ ମତ୍ସ୍ୟ ବିଭାଗର ବିଭିନ୍ନ ସ୍କିମ ଉପରେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ଶହେରୁ ଊର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଓ ମାଛ ଯାଆଳଁ ଚାଷ, ବାଛିବା, ଛାଡିବା, ଆଡଭାନସ ଆକ୍ୱାକଲଚର, ଜୈବ କୁଣ୍ଡରେ ମାଛ ଚାଷ(ବାୟୋଫ୍ଲକ) ଉପରେ ଆଲୋଚନା କରାଯିବା ସହ ମାଛ ମାନଙ୍କ ଆଗୁଆ ପ୍ରଜନନ, ମାଛ ଚାଷରେ ପୋଖରୀ ନିର୍ମାଣ, ପାଣିର ଗୁଣବତା ପରିଚାଳନା, ମତ୍ସ୍ୟ ମାନଙ୍କ ରୋଗ ଓ ତାର ନିରାକରଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଆଜିର ଏହି ବ୍ଲକସ୍ତରୀୟ ଉନ୍ନତ ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରରେ ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ପଣ୍ଡା ମଂଚ ପରିଚାଳନା କରିଥିଲେ। ଚାଷୀମାନଙ୍କ ସହ ପ୍ରଶ୍ନୋତର କାର୍ଯ୍ୟକ୍ରମ ଓ ପ୍ରଶିକ୍ଷଣ ପରବର୍ତୀ ମାଛ ଚାଷ ଉପରେ ମତାମତ ନିଆଯାଇଥିଲା। ନିଜ ନିଜର ସଫଳତାର କାହାଣୀ ଚାଷୀ ମାନେ କହିବା ସହ ଚାଷରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ କହିଥିଲେ।ପ୍ରଶିକ୍ଷଣ ଶିବିର ଶେଷରେ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ଜ୍ୟୋତ୍ସ୍ନାମୟୀ ଜତି ଧନ୍ୟବାଦ୍ ଦେଇଥିଲେ ଓ କାର୍ଯ୍ୟକ୍ରମ ପରିଚାଳନାରେ ସାଗର ମିତ୍ର ବିପର୍ଣ୍ଣା ସ୍ୱାଇଁ ସହାୟକ କରିଥିଲେ।

୧୪ ତମ ରଜ ପ୍ରତିଭା ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୧୩/୬(ନି/ପ୍ର): ଓଡ଼ିଶୀ ନୃତ୍ୟଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ୧୪ ତମ ରଜ ପ୍ରତିଭା ଉତ୍ସବ ୨୦୨୬ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ତିନୋଟି ଶୈଳୀରେ ଏକକ, ଦ୍ୱୈତ୍ୟ ଓ ଦଳଗତ ଓଡ଼ିଶୀ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା ।ପ୍ରତିବର୍ଷ ଏହି ଅନୁଷ୍ଠାନ ଓଡ଼ିଶାର ଏକ ପାରମ୍ପରିକ ଧାର୍ମିକ ଉତ୍ସବ ରଜ ଉତ୍ସବର ଆୟୋଜନ ସହିତ ଓଡ଼ିଆ ଧର୍ମ ସଂସ୍କୃତିକୁ ଗତିଶୀଳ କରିବା ପାଇଁ ତଥା ଯୁବ ପିଢ଼ିଙ୍କୁ ନିଜ ପରମ୍ପରା ସଂସ୍କୃତିକୁ ଗ୍ରହଣ କରିବା ପାଇଁ ଏହି ଉତ୍ସବ ପ୍ରେରଣା ଯୋଗାଇଥାଏ । ଦିନ ଅଧିବେଶନର ଅତିଥିମାନେ ଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଅନିରୁଦ୍ଧ ଦାସ, ଟାଟା ଗ୍ରୁପ୍ର ବିଷୟବସ୍ତୁ ସୃଷ୍ଟିକର୍ତ୍ତା (କଣ୍ଟେଂଟ କ୍ରିଏଟର)ଅନୁଭବ ଦାସ, ଓଡ଼ିଆ ଗୀତିକାରପଚାଂନନ ନାୟକ, ବାସ୍ତୁବିଦ୍ ଡଃ ମନୋଜ ଲେଙ୍କା, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡା । ଏହି ଅଧିବେଶନରେ ପ୍ରାୟ ୨୦୦ରୁ ଉର୍ଦ୍ଧ ନୃତ୍ୟଶିଳ୍ପୀ ଅଂଶ ଗ୍ରହଣ କରି ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ସନ୍ଧ୍ୟାର ଅତିଥି ଭାବେଶ୍ରୀ ସମୀର ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଓଲିମ୍ପିକ୍ ଆସୋସିଏସନ୍, ଶ୍ରୀ ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ କଥାକାର,ଶ୍ରୀ ଜଗନ୍ନାଥ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଭାଜପା, ଡା. ଇତି ସାମନ୍ତ, ସମ୍ପାଦିକା, କାଦମ୍ବିନୀ, ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । ଚଳିତ ବର୍ଷ ରଜ ପ୍ରତିଭା ସମ୍ମାନ ୨୦୨୬ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଆ ଅଭିନେତ୍ରୀ କୁମାରୀଦିବ୍ୟା ମହାନ୍ତିଙ୍କୁ ସଂଧ୍ୟାର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲାଖ୍ୟାତନାମା ଓଡ଼ିଆ ଅଭିନେତ୍ରୀ କୁମାରୀ ଦିବ୍ୟା ମହାନ୍ତିଙ୍କ ଏକକ ନୃତ୍ୟ ପରିବେଷଣରୁ । ତାଙ୍କ ପରେ ନୃତ୍ୟ ପ୍ରତିଭାର ଛାତ୍ରଛାତ୍ରୀମାନେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ ଏକ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ "ନଟରାଜ" ପରିବେଷଣ କରିଥିଲେ, ଯାହା ରବୀନ୍ଦ୍ରନାଥ ଠାକୁରଙ୍କ କାବ୍ୟମୟ ଦୃଷ୍ଟିକୋଣ ମାଧ୍ୟମରେ ନଟରାଜଙ୍କ ଦିବ୍ୟ ବିଶ୍ୱନୃତ୍ୟକୁ ଉପସ୍ଥାପନ କରାଯାଇଥିଲା । ପରେ ପରେ ନୃତ୍ୟ ପ୍ରତିଭାର ବରିଷ୍ଠ ନୃତ୍ୟଶିଳ୍ପୀମାନେ ମଙ୍ଗଳାଚରଣ "ଶିବ ସ୍ତୁତି" ପରିବେଷଣ କରିଥିଲେ, ତାହା ପରେ ଅଭିନୟ "ଦଶାବତାର", "କାହିଁ ଗଲ୍ଲେ ମୁରଲୀ ଫୁଙ୍କା", "ମିତ ଚାହଁରେ ପରା", "ଚତୁର୍ଭୁଜ ଜଗନ୍ନାଥ" ଏବଂ "ନ ଯା ଯମୁନା ରେ" ଉପସ୍ଥାପନ କରାଯାଇଥିଲା । ପରବର୍ତୀ ପରିବେଷଣ ଥିଲା ଓଡ଼ିଆ ଭଜନ "କଳା କୋଇଲିରେ କୁହୁ ମିଠା ମିଠା", ତାହା ପରେ ଶାସ୍ତ୍ରୀୟ ଫ୍ୟୁଜନ୍ "ପ୍ରେମ ରଙ୍ଗ" ଏବଂ ସେମାନଙ୍କର ଶେଷ ପରିବେଷଣ ଥିଲା "ସମ୍ବଲପୁରୀ ରିମିକ୍ସ", "ଗାଇବା ଗୀତ ନାଚିବା ଆଜି" ଏବଂ "ରଜ ମଉଜ" । ସନ୍ଧ୍ୟାର ପରବର୍ତୀ ପରିବେଷଣ ଥିଲା ଶାସ୍ତ୍ରୀୟ ଫ୍ୟୁଜନ୍ "ବରାହ ରୂପମ" ଏବଂ ଅଭିନୟ "ମଣି ବିମାନେ ଗୋବିନ୍ଦ", ଯାହା ନୃତ୍ୟାଂଶି ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ହୋଇଥିଲା । ସାନ୍ଧ୍ୟକାଳୀନ କାର୍ଯ୍ୟକ୍ରମର ଶେଷ ପରିବେଷଣ ଥିଲା ନୃତ୍ୟ ପ୍ରତିଭାର ଛାତ୍ରଛାତ୍ରୀମାନଙ୍କ ମାଆମାନଙ୍କ ଦ୍ୱାରା ଏକ ଓଡ଼ିଆ ଐତିହ୍ୟବାହୀ ଶାଢ଼ୀ ୱାକ୍ ସାଂସ୍କୃତିକ ଫ୍ୟାଶନ୍ ୱାକ୍ । ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ରାଜଶ୍ରୀ, ଦେବବ୍ରତ ଓ ପ୍ରାଥା ଏବଂ ଡ଼. (ଡ଼) ଶ୍ରୀନିବାସ ସତ୍ପଥୀ ଏବଂ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା ।

ବିବିଧା

ବେବି ବମ୍ପ ସେୟାର କଲେ ସୁରଭି

କିଛି ଜାଣିବା କଥା

ପ୍ରଜାପତି: ପୃଥିବୀ ପୃଷ୍ଠରେ ପ୍ରାୟ ୨୮,୦୦୦ ପ୍ରକାରର ପ୍ରଜାପତି ଦେଖାଯାଇଥାନ୍ତି। ପ୍ରତି ପ୍ରଜାପତିଙ୍କର ଆକାର ଭିନ୍ନ ଭିନ୍ନ ହୋଇଥାଏ। ପୁରୁଷ ପ୍ରଜାପତିଙ୍କ ତୁଳନାରେ ସ୍ତ୍ରୀ ପ୍ରଜାପତିମାନେ ଦେଖିବାକୁ ଟିକେ ବଡ଼ ହୋଇଥାନ୍ତି। ଆଉ ସେମାନଙ୍କର ସଂଖ୍ୟା ଦି ଟିକେ ଅଧିକ ଥାଏ। ଶ୍ରବଣ ଶକ୍ତି ନ ଥାଏ, କିନ୍ତୁ ସେମାନେ ନିଜର ଶିକାରର କମ୍ପନକୁ ବହୁତ ଭଲ ଭାବେ ଅନୁଭବ କରିପାରନ୍ତି। ସେମାନଙ୍କ ଡେଣାରୁ ବାହାରୁଥିବା ଶବ୍ଦକୁ ଅନୁଭବଣ କରି ପରସ୍ପରର ଖବର ଭଖିଥାନ୍ତି। ପୁରୁଷ ପ୍ରଜାପତି ସ୍ତ୍ରୀ ପ୍ରଜାପତି ସହ ସମ୍ପର୍କ ରଖିବା ପାଇଁ ନିଜ ଶରୀରରୁ ଏକ ପ୍ରକାରର ମହକ ଲମ୍ବନ କରିଥାଏ, ଯାହାକୁ ପ୍ରାୟ ୨ କି.ମି ଦୂରରୁ ସ୍ତ୍ରୀ ପ୍ରଜାପତି ଖୁଙ୍ଗି ଆବର୍ଷିତ ହୋଇ ଆସିଥାଏ।

୩୮ ବର୍ଷ ବୟସରେ ମା ହେବେ ଟିକି ଅଭିନେତ୍ରୀ ସୁରଭି ଛେଣ୍ଟି । ତାଙ୍କ ବିବାହର ୨ ବର୍ଷ ପରେ ତାଙ୍କ ଦୋଳ ଦୁଳିବାକୁ ଯାଉଛି । ଏଭଳି ମଧ୍ୟରେ ସେ ସୋସିଆଲ ମିଡିଆରେ ପେଣ୍ଟେନ୍ସି ଫଟୋସୁଟର ଫଟୋ ସେୟାର କରିଛନ୍ତି । ଯାହା ତାଙ୍କ ଫ୍ୟାନ୍ସଙ୍କ ହୃଦୟକୁ ସ୍ପର୍ଶ କରିଛି । ଅଭିନେତ୍ରୀ ଜନଷ୍ଟାଗ୍ରାମରେ ତାଙ୍କର ପେଣ୍ଟେନ୍ସିର କିଛି ଫଟୋ ସେୟାର କରିଛନ୍ତି। ଯେଉଁଥିରେ ତାଙ୍କ ମୁହଁରେ ଗୋଟିଏ ଭିନ୍ନ ଚମକ ଦେଖିବାକୁ ମିଳିଛି । ଯାହା ତାଙ୍କୁ ୯୦ ଦଶକର ଲୁକ୍ ଦେଉଛି । ସେୟାର ହୋଇଥିବା ଏହି ଫଟୋରେ ସୁରଭିଙ୍କୁ ମାଟିଆ ରଙ୍ଗର ମ୍ୟାକ୍ସି ଡ୍ରେସରେ ଧଳାର ବଡି ପ୍ରିଣ୍ଟ ସହିତ ହଲ୍ଟର ନେକ୍ ଡିଜାଇନର ଡ୍ରେସରେ ଦେଖିବାକୁ ମିଳିଛି । ତାଙ୍କର ଏହି ମ୍ୟାକ୍ସି ଡ୍ରେସଟି ବେବି ବମ୍ପକୁ ସୁନ୍ଦର ଭାବେ ହାଇଲାଇଟ୍ କରୁଛି । ଏହି ସୁନ୍ଦର ଡ୍ରେସ୍ ବ୍ୟତୀତ ସେ ତାଙ୍କ ଦୁଇ ହାତରେ ବଳା ଲେସ୍ ଗ୍ଲୋଭସ୍ ପିଞ୍ଚି ବେକରେ ଖୀଷ୍ଟାଲର ଚୋକର ପିଛିଥିବା ନଜର ଆସିଛନ୍ତି । ଯାହା ତାଙ୍କ ଲୁକକୁ ଆହୁରି ଷ୍ଟାଇଲିସ୍ କରୁଛି । ହେୟାର ଷ୍ଟାଇଲରେ ସେ ଖୋସାରେ ବଳା ନେଟ୍ ଲଗାଇଥିବା ନଜର ଆସିଛନ୍ତି । ଯାହା ତାଙ୍କୁ ଲ୍ୟୁସିଜ୍ ଏବଂ ଫ୍ୟାଶନେବଲ୍ ଲୁକ୍ ଦେଉଛି । ହାଲକା ମେକଅପ୍ ନେଇ ସେ ତାଙ୍କ ଲୁକକୁ କମ୍ପ୍ଲିଟ୍ କରିଛନ୍ତି । ତାଙ୍କର ଏହି ପୋଷ୍ଟ ଦ୍ରୁତ ଗତିରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ।

ଚର୍ଚ୍ଚାରେ ଧନଶ୍ରୀ

ଧନଶ୍ରୀ ବର୍ମା ପୁଣି ଖବରର ଶିରୋନାମା ପାଲଟିଛନ୍ତି । ବଡଲଙ୍କ ସହ ଛାଡ଼ପତ୍ର ହେବା ପରେ ମଧ୍ୟ ଗଣମାଧ୍ୟମରେ ହେବଲାଇନ ପାଲଟିଥିଲେ ଆଉ ଏବେ ହାସ୍ୟ ଅଭିନେତା କୁଣ୍ଡଙ୍କ ସହ ହ୍ୟାନ୍ସ କରୁଥିବାରୁ ଏକ ଭିଡିଓ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ଯାହାକୁ ନେଇ ଫ୍ୟାନ୍ସମାନେ ବିଭିନ୍ନ କମେଣ୍ଟମାନ କରୁଥିବା ଦେଖିବାକୁ ମିଳିଛି। ନିଜଟରେ ଓ୍ୱେଲକମ୍ ଟୁ'ର ଟ୍ରେଲର ରିଲିଜ ହୋଇଛି । ଏହି ଫିଲ୍ମର ଅଂଶ ରହିଛନ୍ତି ଏହି ହାସ୍ୟ ଅଭିନେତା । ତେବେ ଟ୍ରେଲର ରିଲିଜ ହେବା ପରେ ଏକ ଗୀତରେ ଧନଶ୍ରୀଙ୍କ ସହ ସେ ଡ୍ୟାନ୍ସ କରୁଥିବାର ଏକ ଭିଡିଓ ବନାଇଥିଲେ । ଉଭୟ ବେଶ ଭଲ ଡ୍ରାନ୍ସ କରିଛନ୍ତି । ଉଭୟ କମେଡି ଅନ୍ଦାଜରେ ଏହି ଭିଡିଓ ବନାଇଛନ୍ତି । ଧନଶ୍ରୀ ଜଣେ ଭଲ ଡ୍ୟାନ୍ସର । ତେବେ ଏହି ଭିଡିଓକୁ ନେଇ ୟୁଜର୍ସମାନେ ତାଙ୍କୁ ଟ୍ରୋଲ ମଧ୍ୟ କରୁଥିବା ଦେଖିବାକୁ ମିଳିଛି । ଅନେକ ୟୁଜର୍ସ ଏହି ଭିଡିଓରେ ସକରାତ୍ମକ କମେଣ୍ଟ କରିଛନ୍ତି । ଏହାସହ ଭିଡିଓକୁ ଭଲ ପାଇବା ଦେବା ସହ ସେୟାର କରୁଛନ୍ତି । ଜଣେ ୟୁଜର୍ସ ଲେଖିଛନ୍ତି କି, ଭିଡିଓଟି ଭଲ ହୋଇଛି । ଅନ୍ୟଜଣେ ଲେଖିଛନ୍ତି କି, ଆପଣଙ୍କ କମେଡି ଅନ୍ଦାଜ ବେଶ ଭଲ ଲାଗୁଛି । ଏଭଳି ଭାବେ ଅନେକ ୟୁଜର୍ସ ଧନଶ୍ରୀଙ୍କ ଡାଇରେକ୍ସନକୁ ମଧ୍ୟ ପସନ୍ଦ କରିଛନ୍ତି ।

ଭେଣ୍ଡି କେଜି ୭,୨୪୦ ଟଙ୍କା

ଭାରତରେ ୪୦ ରୁ ୫୦ ଟଙ୍କାରେ ବଜାରରେ ଜେଜିଏ ଭେଣ୍ଡି ମିଳିଯାଏ। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଭେଣ୍ଡିକୁ ଆମେରିକୀୟମାନେ ୭ ହଜାରରୁ ଅଧିକ ଟଙ୍କା ଦେଇ କିଣନ୍ତି...

[redacted]

ଭେଣ୍ଡିରେ ଗୁରୁତ୍ୱପୂର୍ଣ୍ଣ ବାୟୋଆକ୍ଟିଭ୍ କମ୍ପାଉଣ୍ଡ ଅଛି। ଯାହାକି ଔଷଧୀୟ ଗୁଣରେ ଭରପୁର। ଏହା ସହ ଭେଣ୍ଡିରେ ଥିବା ଫାଇଟୋକେମିକାଲ୍ସ ଟାଇପ୍-୨ ମଧୁମେହ, ହୃଦରୋଗ ଏବଂ ପାଚନତନ୍ତ୍ର ଜନିତ ସମସ୍ୟାରୁ ମୁକ୍ତି ପ୍ରଦାନ କରେ । ଏହା ଲିଭର ଭିଟକ୍ଟିଫିକ୍ସନ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ପ୍ରଫିଟ୍ ଦିଏ। ଭେଣ୍ଡିରେ ପ୍ରୋଟିନ୍, ଡାଏଟାରୀ ଫାଇବର, ଫାଇଟୋଷ୍ଟେରଲ୍ସ, ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ଏ, ଭିଟାମିନ୍ ସି, ପୋଟାସିୟମ୍, କ୍ୟାଲସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, କପର, ସେଲେନିୟମ୍, ମାଙ୍ଗାନିଜ୍, ଜିଙ୍କ, ସୋଡିୟମ୍ ଏବଂ ଆଇରନ୍ ଅଛି। ଏଥିରେ ଥିବା ମିନେରାଲ୍ ଏବଂ ଭିଟାମିନ୍ ହାର୍ଟ, ମସିଷ୍ଟ, ଯକୃତ, ବୁକକ୍ ଏବଂ ଅନ୍ତନଳୀକୁ ସୁସ୍ଥ ରଖେ। ଟାଇପ୍-୨ ଡାଇବେଟିସ୍ ପାଇଁ ଭେଣ୍ଡି ଭଲ କାମ ଦିଏ। ଏଥିରେ ପ୍ରୋଟିନ ଓ ଫାଇବର୍ ରହିଛି।

ପେଟ ମାଡ଼ି ଶୋଇବାକୁ ଓଡ଼ିଆ ସ୍ୱାସ୍ଥ୍ୟ ସାବଧାନ !

ପ୍ରତ୍ୟେକ ବ୍ୟକ୍ତିଙ୍କର ଶୋଇବାର ନିଜସ୍ୱ ଶୈଳୀ ରହିଥାଏ। କେହି କଡ଼ ମାଡ଼ି ଶୋଇବାକୁ ପସନ୍ଦ କରନ୍ତି ତ ଆଉ କେହି ସିଧା ହୋଇ କିମ୍ବା ପେଟ ମାଡ଼ି ଶୋଇବାକୁ ଭଲ ପାଆନ୍ତି। ତେବେ ଆପଣ ଜାଣନ୍ତି କି ଶୋଇବାର ଭଙ୍ଗୀ ଆମ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ ? ବିଶେଷକରି ଯଦି ଆପଣ ନିୟମିତ ଭାବେ ପେଟ ମାଡ଼ି ଶୋଇଛନ୍ତି, ତେବେ ଏହା ଆପଣଙ୍କ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

ମେରୁଦଣ୍ଡ ପାଇଁ ସବୁଠାରୁ ବଡ଼ ବିପଦ

ପେଟ ମାଡ଼ି ଶୋଇବା ଦ୍ୱାରା ମେରୁଦଣ୍ଡ ଉପରେ ଅତ୍ୟଧିକ ଚାପ ପଡ଼ିଥାଏ। ଏହି ସ୍ଥିତିରେ ଶୋଇବା ଦ୍ୱାରା ଅଣ୍ଟାର ତଳ ଭାଗ ଅଧିକ ବଙ୍କା ହୋଇଯାଏ ଏବଂ ବେକ ମଧ୍ୟ ଦୀର୍ଘ ସମୟ ଧରି ଗୋଟିଏ ପାର୍ଶ୍ୱକୁ ଚୁଲି ରହିଥାଏ। ଏପରି ଅସ୍ୱାଭାବିକ ସ୍ଥିତି ଯୋଗୁଁ ସକାଳୁ ଶରୀର ଜାଡି ହୋଇଯିବା , ନିଦ୍ରାହୀନତା ଏବଂ ବେକ ବା ପିଠିରେ ପ୍ରବଳ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖାଦେଇଥାଏ।

ବେକ ଏବଂ ପିଠି ଯନ୍ତ୍ରଣା

ଯଦି ପେଟ ମାଡ଼ି ଶୋଇବା ଏକ ନିୟମିତ ଅଭ୍ୟାସରେ ପରିଣତ ହୁଏ, ତେବେ ଏହା ଦ୍ୱାରା ବେକ ଏବଂ ଅଣ୍ଟା ତଳ ଭାଗରେ ଗୁରୁତର ସମସ୍ୟା ସୃଷ୍ଟି ହୋଇପାରେ। ପ୍ରାଥମିକ ଅବସ୍ଥାରେ ଏହି ଯନ୍ତ୍ରଣାକୁ ଅନେକେ ଦିନସାରା ବସିବା କିମ୍ବା ଖରାପ ପୋଷ୍ଟରର କାରଣ ଭାବିଣ ଅଣଦେଖା କରିଥାନ୍ତି।

କିନ୍ତୁ ସମୟକ୍ରମେ ଏହି ଶୋଇବା ଶୈଳୀରୁ ସୃଷ୍ଟି ହେଉଥିବା ଚାପ ଯନ୍ତ୍ରଣାକୁ ଆହୁରି ବଢ଼ାଇଦିଏ। ଶୋଇବା ସମୟରେ ଶରୀରର ମଧ୍ୟଭାଗ ବିଛଣା ଭିତରକୁ ଦବି ଯାଏ, ଯାହା ଫଳରେ ଅଣ୍ଟା ଏବଂ ମେରୁଦଣ୍ଡ ଉପରେ ଚାପ ବହୁଗୁଣିତ ହୋଇଥାଏ। ତେଣୁ ସୁସ୍ଥ ରହିବା ପାଇଁ ଏହି ଅଭ୍ୟାସରୁ ନିଦୃତ ରହିବା ଜରୁରୀ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୧୪ ଜୁନ୍ ୨୦୨୬

ଝିଅ ହେବ ତ ଏମିତି

ଗାଁରୁ ଆସିବା ପରେ ଜୀବନଟା ତାକୁ ଅର୍ଥାତ ଛୋଟିକୁ ଖୁବ ଝଲମଲ ମନେ ହେଉଥିଲା । ଝଲମଲ ପରଦା ଆଡେଇ ଆଡେଇ ଘର ଓଲେଇବା, ଝଲମଲ ପାପୋଛ ସବୁକୁ ଟେକି ଝଡା ଝଡି କରିବାରେ ତାକୁ କିଛି ଅସୁବିଧା ହେଉନଥିଲା କାରଣ ସେ ଗାଁରେ ବରଡ଼ା ଉଁଛି ଖଡ଼ିକା ପ୍ରସ୍ତୁତ କରି ଓଳାପୋଳା କଲାବେଳେ ତାକୁ କଷ୍ଟ ହେଉଥିଲା । ମା ଯଦି ସେତିକି ଥାଉ କହୁଥିଲା ତ ତା ଭିତରେ ଗୋଟେ ସହୃଦୟତାର ଝଲମଲ ଖେଳି ଯାଉଥିଲା ମନ ହୃଦୟରେ । ସେ କହୁଥିଲା ତୁ କେତେ କାମ କରୁଛୁ ମା । ମୁଁ ଏତିକି ସାହାଯ୍ୟ କରିପାରିବିନି ତତେ !ମାଆ ତା ମୁଣ୍ଡ ଆଉଁସି କହୁଥିଲା ଏଥର ବାପା ଦାଦନରୁ ଫେରିଲେ ତୋ ନାମ ସ୍କୁଲରେ ଲେଖାଇଦେବି ଝିଅ । ଏବେ ଖାଲି ତୋ ଛୋଟ ଭାଇଟା ଟିକେ ବଡ଼ ହେଲାଯାଏଁ ଘର କାମରେ ମତେ ସାହାଯ୍ୟ କରୁଥା । ରାତିରେ ଛୋଟି ସ୍ୱପ୍ନ ଦେଖେ । ସେ ସ୍କୁଲ ଯାଉଛି । ତାର କେତେ ରକମର ଝଲମଲ ମଲାଟ ଥିବା ବହି ଅଛି, ଖାତା, ପେନ, ପେନସିଲ ଇତ୍ୟାଦି ତା ଝଲମଲ ବ୍ୟାଗରେ ରହି ସେ ସ୍କୁଲ ଯାଉଛି, ପାଠ ପଢୁଛି । ପୁଣି ଝଲମଲ କରୁଥିବା ପ୍ରଜାପତି ଡେଣା ଦେଖି ତା ପଛରେ ଧାଇଁବାରୁ ଗୁରୁମା କହୁଛନ୍ତି ପାଠ ଲେଖେ ଝିଅ, ପ୍ରଜାପତି ଡେଣା ଛିଣ୍ଡିଗଲେ ତାକୁ ଉଡିବାକୁ କଷ୍ଟ ହେବ । ସେ କିନ୍ତୁ ଆଖି ଖୋଲିବା ବେଳକୁ ଗୁରୁମା ନୁହଁ ବରଂ ମାଆ ଡାକୁଥିଲା ଉଠୁ ଝିଅ । ବାସନ ନେଇ ମୁଁ ନଈ କୁ ଯାଉଛି ତୁ ଟିକେ ସାନଭାଇଟା ପାଖେ ଥାଆ । ଧଡ଼ପଡ ହୋଇ ଉଠିପଡ଼ିଲା ଛୋଟି । ବାମ ଗୋଡ଼ଟା ତାର ଅଳ୍ପ ଛୋଟ ବୋଲି ସମସ୍ତେ ସିନା ତାକୁ ଛୋଟି ଡାକନ୍ତି ମାଆ କିନ୍ତୁ ଡାକୁଥାଏ ମାମୁନି ଲୋ । ସେ ଡାକରେ ଏତେ ଝଲମଲ ହୁଏ ତା ମନ ତା ପାଖରେ କିଛି ନଥିଲେ ମଧ୍ୟ ସେ ସବୁ କିଛି ପାଇଯାଏ ଯେମିତି । ମାଆ କେତେ କାମ କରୁଛି । ବାବୁଘର ଯାଉଛି । ସେ ସ୍କୁଲ ଗଲେ ତା ଛୋଟ ଭାଇ ବଡ଼ ହେବ କେମିତି !ଏତେ ଦିନ ଗଲାଣି । ଆଉ କେଇଟା ଦିନ ଯାଉ ବାପା ତାର ଦାଦନ ରୁ ଫେରିଲେ ସେ ବାପା ସଙ୍ଗେ ବଜାର ଯାଇ ଖୁବ ସୁନ୍ଦର ଝଲମଲ କରୁଥିବା ସ୍କୁଲ ବ୍ୟାଗ କିଣି ସ୍କୁଲ ଯିବ । ସ୍କୁଲରେ ତା ନାମ ଲକ୍ଷ୍ମୀ ବୋଲି ଲେଖେଇବ । କାରଣ ମାଆ ତାକୁ ମାମୁନି ଡାକିଲେ ସେ ଯେତିକି ଖୁସି ହୁଏ ବାପା ତାକୁ ଲକ୍ଷ୍ମୀ ବୋଲି ଡାକିଦେଲେ ସେ ତା ଠୁ ଅଧିକ ଖୁସି ହୁଏ । ବାପା କିନ୍ତୁ ଫେରୁନଥିଲେ । କିଏ କହୁଥିଲା ସେପଟେ ସେ ତା ସଂସାର ବାନ୍ଧିଲାଣି ତ କିଏ କହୁଥିଲା ରୋଗ ତାକୁ ଗ୍ରାସ କଲଣି ପୁଣି କିଏ କହେ ଆଉ ଅଛି ଯେ ଫେରିବ । ଏସବୁ ଶୁଣି ଛୋଟି ତାର ଛୋଟ କାନ ପରଦା ଦ୍ୱୟକୁ ହାତ ପାପୁଲିରେ ଘୋଡାଇ ଡାକୁଥାଏ ପ୍ରଭୁ ହେ ଯୋଉଠି ଥାଆନ୍ତୁ, ଯେମିତି ଥାଆନ୍ତୁ ମୋ ବାପା ଭଲରେ ଥାଆନ୍ତୁ । ଆଜି ମାଆ ନଈ ରୁ ଫେରୁନି । ଛୋଟ ଭାଇ କାନ୍ଦିଲାଣି । ଏତିକି ବେଳେ ଗାଁରେ ଚହଳ ପଡିଲା ।ଛୋଟି ମାଆକୁ କୁମ୍ଭୀର ଟାଣି ନେଲା । ତା ଆଖି ଓଦା ହୋଇ ଆସିଲା ବେଳକୁ ବାବୁ ଘର ମାଆ କହୁଥିଲେ ଏଣିକି ଆ ଛୋଟି ।ଏଠି କେତେ କାମ ପଡିଛି । ଲୁହ ପୋଛି କାମରେ ମନ ଲଗାଇ ଛୋଟି ଭାବୁଥିଲା,ମାଆକୁ କୁମ୍ଭୀର ନେଲା ଯେ ନେଲା ଆଉ ଫେରେଇଲାନି । ଛୋଟ ଭାଇକୁ ତା କୋଳରୁ ଖୁଡି ଉଠେଇ ନେଲା । ବାପା ମଧ୍ୟ ଆଉ ଫେରିନଥିଲା । ଦାଦା ତାକୁ ଆଣି ଏଇଠି ଛାଡ଼ି ଦେଇ ଯାଇଛି । ଏଠି ସବୁ ଭଲ ଯେ ତେବେ ତାକୁ ପ୍ରଜାପତି ଧରିବାକୁ ମନା । ଅନ୍ତର ଭିତରେ ମାଆ ଅଛି । ଆଖି ଛୋଟ ଭାଇକୁ ଦେଖିବାକୁ ଚାହୁଁଛି । ହେଲେ ଏଠି ଆଉ ଟିକେ ବଡ଼ ହେବ ହୁଏତ ବା ତାରି ବୟସର ପୁଅ ମୁନା କୁ ଦେଖି ସେ ବୁଝିଯାଉଛି ତା ଛୋଟ ଭାଇ ଛୋଟୁ ଏଇ ମୁନା ଭିତରେ ତା ପାଖେ ପାଖେ ଅଛି । ତାର ଆଜି ଜନ୍ମଦିନ । କେତେ କଣ ହେଉଛି । ତାକୁ କାମ ବାଧୁନି ।ତାର ଛୋଟ ହାତରେ ସେ ଝଲମଲ ଜରି ଅଠା ଲଗେଇ ବାପା ପରି ବାବୁଙ୍କୁ ବଇ ଦେଇଛି । ଝଲମଲ ତୋରଣ ରେ ରଙ୍ଗ ବେରଙ୍ଗର ବେଲୁନ ସବୁ ଝଲମଲ କରି ମାଆ ପରି ବାବୁଆଣୀଙ୍କ ସହ ବାନ୍ଧିଛି । କେତେ କିଏ ଆସିଲେ, କେକ କାଟିଲେ, ହାପି ବାର୍ଥ ଡେ ଟୁ ୟୁ ମୁନା କହିଲେ, ଭୋଜି ଭାତ ଓ ଷ୍ଟାଟସରେ ଥିବା କେତେ ଭଳି ଭଳି ଖାଦ୍ୟ ଖାଇ କିଏ କେମିତି ଗଲାବେଳେ ତା ହାତରେ ଶହେ, ପଚାଶ, ଦୁଇଶ ଟଙ୍କା ବି ଦେଲେ । ଏତେଗୁଡ ? ଟଙ୍କା ଦେଖି ତାର ମାଆ କଥା ଖୁବ ମନେ ପଡୁଥିଲା ତ ସେ ସେସବୁ ନେଇ ବାବୁଆଣୀ ଙ୍କୁ ଧରାଇ ଦେଲାବେଳେ ସେ କହୁଥିଲେ ଝିଅଲୋ ତୁ ନଥିଲେ ଏତେ ସବୁ ମୁଁ ପାରିନଥାନ୍ତି । ସେଇ କେଇ ପଦରେ ତା ଆଖିରେ ଲୁହ ଆସିଗଲା । ବାବୁଆଣୀ କହୁଥିଲେ ହଉ ମନଦୁଃଖ କରନା ଏସବୁ ଟଙ୍କା ତୋର । ତୋ ନାମରେ ବ୍ୟାଙ୍କରେ ପାସବୁକ ଖୋଲିବା । ଆଉ କଣ ଖାଇବୁ ଝିଅ ?କାନ୍ଦିପକେଇ ଛୋଟି କହୁଥିଲା ଖାଇଛି ସବୁ ।ମୁଁ ପଢ଼ିବି ମାଆ । ପାଠ ପଢ଼ିବି । ହଉ ହଉ କହି ବାବୁଆଣୀ ହାଲିଆରେ ଶୋଇଗଲା ପରେ ଛୋଟି ମାଆଙ୍କ ପାଦରେ ତେଲ ଘଷୁ ଘଷୁ ତା ନିଜ ମାଆ କଥା ଭାବୁଥିଲା । ଦିନ ଯାକର ପରିଶ୍ରମ ପରେ ରାତିରେ ମାଆ ଯେବେ ତା ଗୋଡରେ ତେଲ ମାରି ଘସିଦିଏ ତାକୁ କେତେ ଭଲ ଲାଗେ ସତରେ ।ତାର ସେଇ ଶାଗ ପଖାଳ ଭାତ ସହିତ ମାଆର ମାମୁନି ଡାକ ଏ କୁମ୍ଭୀର ପରି ଝଲମଲ ଦୁନିଆଁ ଠୁ ଢେର ଭଲ ଭାବିଲା ବେଳେ ସେ ଜିଭ କାମୁଡି ପକାଉଥିଲା ନିଜକୁ ନିଜେ ଖୁବ ବଡ଼ ହୋଇଗଲାଣି ବୋଲି ଭାବୁଥିଲା । ଶୋଇଯିବା ପୂର୍ବରୁ ଠାକୁରଙ୍କୁ ମୁଣ୍ଡିଆ ମାରୁଥିଲା ମୋ ଭାଇ ଛୋଟୁକୁ ଭଲରେ ରଖିଥାଅ ପ୍ରଭୁ, ଯଦିଓ ସେ ଜାଣିଥିଲା ତିନି ତିନିଟା ଝିଅର ମାଆ ଖୁଡି ପୁଅଟିଏ ପାଇଁ ଛଟପଟ ହେଉଥିଲା ବେଳେ ସେଇ ପୋଡାମୁହିଁ କୁମ୍ଭୀର ଯୋଗୁଁ ତା ଭାଇ ଛୋଟୁ ଖୁଡିର ପୁଅ ହୋଇଗଲା । ଏ ଭିତରେ ପିଲାଦିନର ଛୋଟି ବଡ଼ ହୋଇ ସମସ୍ତଙ୍କ ପାଇଁ ଲକ୍ଷ୍ମୀ ରୂପେ ପରିଚିତ ହୋଇଯାଇଥିଲା । ପିଲାଦିନେ ମାଆ କହିଥିବା ସେଇ ଗପଟା ତାର ବହୁତ ମନେପଡୁଥିଲା । ସେହି ଗପଟି ଥିଲା ଗୋଟେ ଚିଲମ କେମିତି ସୁରେଇରେ ପରିଣତ ହୋଇ ଶାନ୍ତି ଦେଇପାରୁଥିଲା ।ଗୋଟିଏ ଗାଁରେ କୁମ୍ଭାରଟିଏ ରହୁଥିଲା । ସେ ମାଟିରୁ କେବଳ ଚିଲମ ତିଆରି କରୁଥିଲା । ହାଟରେ ଚିଲମ ବିକି ସେ ଚଳୁଥିଲା ।ଦିନକର କଥା । ସେ ଚିଲମ ତିଆରି କରୁଛି,ଏଇ ସମୟରେ ତା'ର ସ୍ତ୍ରୀ ଆସି ତାକୁ କହିଲା-- ଗୋଟିଏ କଥା ତୁମକୁ କହିବି କହିବି ହୋଇ ବହୁତ ଦିନ ହେଲାଣି ଭାବୁଛି । କହିବି କି ? କୁମ୍ଭାର କହିଲା --କୁହ । ତା'ର ସ୍ତ୍ରୀ କହିଲା-- ଏବେ ଖରା ଦିନ ।ଉଦୁଉଦିଆ ଦ୍ୱିପହରେ ତୁମେ ଚିଲମ ତିଆରି କରୁଛ । କାହିଁକି ତୁମେ ଚିଲମ ବଦଳରେ ସୁରେଇ ତିଆରି କରୁନା ? ଚିଲମରେ ଲୋକେ ନିଆଁ ଧୂଆଁ ଟାଣି ଆହୁରି ତାତିଲା ହେଉଛନ୍ତି ।

ମରୁଡ଼ିର ପଦଧ୍ୱନି !

ଚଳିତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁ ପ୍ରଭାବରେ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇ.ଏମ୍.ଡି.) ପୂର୍ବାନୁମାନ କରିସାରିଛନ୍ତି । ଜନଜୀବନ ପାଇଁ ଏହା ଏକ ଗଭୀର ଚିନ୍ତାଜନକ ଖବର । ଚଳିତ ବର୍ଷ ମୌସୁମି ଦୁର୍ବଳ ହେବା ଏବଂ ଦକ୍ଷିଣ ଏସିଆରେ ବୃଷ୍ଟିପାତ ବାଧା ପ୍ରାପ୍ତ ହେବାର ଆଶଙ୍କା ପଛରେ ପ୍ରଶାନ୍ତ ମହାସାଗରରେ ସକ୍ରିୟ ହେଉଥିବା 'ଏଲ୍ ନିନୋ'ର ପ୍ରଭାବ ଦାୟୀ । ଏହାର ପ୍ରଭାବ ସାଧାରଣତଃ ପ୍ରାୟ ୯ରୁ ୧୨ ମାସ ପର୍ଯ୍ୟନ୍ତ ଲାଗି ରହିଥାଏ । ଚଳିତ ଜୁନ୍ ମାସ ପ୍ରଥମ ସପ୍ତାହରେ ପ୍ରଶାନ୍ତ ମହାସାଗର ଜଳରାଶିର ତାପମାତ୍ରା 'ନିରପେକ୍ଷ' ରହିଛି । ଆଗାମୀ ତିନି ସପ୍ତାହରେ ଏହା 'ଦୁର୍ବଳ' ଅବସ୍ଥାକୁ ଆସିବ । ଜୁଲାଇରୁ ଅଗଷ୍ଟ ମଧ୍ୟରେ ଏହା 'ମଧ୍ୟମ' ଏବଂ ସେପ୍ଟେମ୍ବର ଶେଷ ବେଳକୁ ଏହା 'ଶକ୍ତିଶାଳୀ' ହେବାର ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଉଛି; ଯାହାକୁ 'ଏଲ୍ ନିନୋ'ର ଉଗ୍ର ମୂର୍ତ୍ତି ବୋଲି କହିପାରିବା । ଏଲ୍ ନିନୋ 'ଦୁର୍ବଳ' ଥିଲା ବେଳେ ମୌସୁମି ବର୍ଷାର ପରିମାଣ ସ୍ୱାଭାବିକ ଭାବେ କମିଯାଇଥାଏ । 'ମଧ୍ୟମ' ରହିଲେ ୧୦% ଯାଏ କମିଯାଏ । ଆକଳନ କରାଯାଉଛି ଯେ, ଆମ ଦେଶରେ ହାରାହାରି ୯୦%ରୁ କମ୍ ବୃଷ୍ଟିପାତ ହେବ । ଆମ ଓଡ଼ିଶାରେ ପ୍ରତି ବର୍ଷ ହାରାହାରି ୧୧୫ ସେ.ମି. (ସେଣ୍ଟିମିଟର) ବୃଷ୍ଟିପାତ ହୋଇଥାଏ । ଚଳିତ ବର୍ଷ ଦକ୍ଷିଣ ଓ କେନ୍ଦ୍ରୀୟ ଜିଲ୍ଲାମାନଙ୍କରେ ମୌସୁମି ବର୍ଷା ସ୍ୱାଭାବିକ କିମ୍ବା ଅଧିକ ରହିପାରେ ଏବଂ ଉତ୍ତର-ଓଡ଼ିଶାର ଜିଲ୍ଲାମାନଙ୍କରେ ମରୁଡ଼ି ଆଶଙ୍କା କରାଯାଇପାରେ । ମୌସୁମି ଋତୁରେ ମିଳୁଥିବା ମୋଟ ବୃଷ୍ଟିପାତ ପରିମାଣ ଅପେକ୍ଷା ଏହାର ଆଞ୍ଚଳିକ ବଣ୍ଟନ ଏବଂ ବୃଷ୍ଟିପାତ ସମୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯଦି ସଦ୍ୟତମ ପୂର୍ବାନୁମାନ ସତ୍ୟ ହୁଏ, ତେବେ ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତର ସ୍ୱଳ୍ପତମ ବୃଷ୍ଟିପାତ ବର୍ଷ ଭାବେ ୨୦୨୬ ମସିହା ସାବ୍ୟସ୍ତ ହେବାକୁ ଯାଉଛି । ପୂର୍ବରୁ ୨୦୧୫ ମସିହାରେ ଦେଶ ଏଭଳି ସ୍ଥିତିର ସାମନା କରିଥିଲା । ଭାରତୀୟ ମୌସୁମି ବର୍ଷା ଉପରେ ଏଲ୍ ନିନୋର ପ୍ରଭାବ ଅତ୍ୟନ୍ତ ଗଭୀର । ଏହି କାରଣରୁ ଅନାବୃଷ୍ଟି ଓ ଭୟଙ୍କର ମରୁଡ଼ି ପରିସ୍ଥିତି ଦେଖାଦେଇଥାଏ । ଏଲ୍ ନିନୋ କାରଣରୁ ସୃଷ୍ଟି ହୋଇଥିବା ୧୮୬୬-୬୭ ନଅଙ୍କ ଦୁର୍ଭିକ୍ଷ, ୧୮୭୬-୧୮୭୮ ମହା-ଦୁର୍ଭିକ୍ଷ ଭାରତ ଇତିହାସର ସବୁଠାରୁ ଭୟଙ୍କର ମରୁଡ଼ି ମଧ୍ୟରୁ ଅନ୍ୟତମ । ଏହା ପ୍ରଭାବରେ ଅନାହାର ଓ ଅପପୁଷ୍ଟିରେ କୋଟି କୋଟି ଲୋକ ପ୍ରାଣ ହରାଇଥିଲେ । ୨୦୦୨ ଓ ୨୦୦୯ ମଧ୍ୟ ଶକ୍ତିଶାଳୀ ଏଲ୍ ନିନୋ ବର୍ଷ ଥିଲା । ଏଥିଯୋଗୁଁ ମୌସୁମି ବର୍ଷା ସ୍ୱାଭାବିକଠାରୁ ୧୯% କମିଯିବା ଫଳରେ, ଖାଦ୍ୟଶସ୍ୟ ଉତ୍ପାଦନ ପ୍ରାୟ ୧୮% ହ୍ରାସ ପାଇଥିଲା । ୧୯୫୦ ପରଠାରୁ ଭାରତ ଯେଉଁ ୧୫ଟି ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇଛି, ସେଥିରୁ ପ୍ରାୟ ୧୦ଟି ଏଲ୍ ନିନୋ କାରଣରୁ ଘଟିଛି । ଏଲ୍ ନିନୋ ଯେପରି ପ୍ରକୃତି ସୃଷ୍ଟ, ଭାରତୀୟ ମହାସାଗରୀୟ 'ଡାଇପୋଲ୍' ବା 'ଇଣ୍ଡିଆନ୍ ଓସନ୍ ଡାଇପୋଲ୍' (ଆଇଓଡି) ମଧ୍ୟ ଏକ ପ୍ରକୃତି ସୃଷ୍ଟ ପାଣିପାଗ ପ୍ରକ୍ରିୟା; ଯାହା ଏଲ୍ ନିନୋ ପ୍ରଭାବକୁ କମାଇବାରେ ସହାୟକ ହୋଇଥାଏ । ସରଳ ଭାଷାରେ କହିଲେ, ସକାରାତ୍ମକ 'ଡାଇପୋଲ୍' ସମୟରେ ଆଫ୍ରିକା ଉପକୂଳ ନିକଟବର୍ତ୍ତୀ ପଶ୍ଚିମ ଭାରତ ମହାସାଗର ସ୍ୱାଭାବିକରୁ ଅଧିକ ଗରମ ଏବଂ ଇଣ୍ଡୋନେସିଆ ନିକଟବର୍ତ୍ତୀ ପୂର୍ବ ଭାଗ ଅଧିକ ଥଣ୍ଡା ରହେ । ଏହା ମୌସୁମି ବାୟୁକୁ ଆକର୍ଷିତ କରି ଭାରତରେ ବର୍ଷା କରାଇବାରେ ସାହାଯ୍ୟ କରିଥାଏ । ନକାରାତ୍ମକ 'ଡାଇପୋଲ୍' ହେଲେ ଓଲଟା ପ୍ରଭାବ ପଡ଼େ । ଯଦିଓ 'ଏଲ୍ ନିନୋ' ଓ 'ନେଗେଟିଭ୍ ଆଇଓଡି' ପ୍ରାୟ ଗୋଟିଏ ସମୟରେ ସୃଷ୍ଟି ହୋଇ ନଥାନ୍ତି, ଚଳିତ ବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଯେତେବେଳେ ପ୍ରଶାନ୍ତ ମହାସାଗର ପୃଷ୍ଠ-ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ହୁଏ, ଏହାକୁ 'ସୁପର ଏଲ୍ ନିନୋ' ବୋଲି କୁହାଯାଏ । ବୈଶ୍ୱିକ ଉତାପ ବୃଦ୍ଧି ଯୋଗୁଁ ଏହା ବର୍ତ୍ତମାନ ରେକର୍ଡ ବେଗରେ ରୂପ ନେଉଛି, ଯାହା ୨୦୨୬-୨୭କୁ ସବୁଠାରୁ ଉତପ୍ତ ବର୍ଷ କରିଛି । ଚଳିତ ବର୍ଷ 'ସୁପର ଏଲ୍ ନିନୋ' ହେବାର ଆଶଙ୍କା ୮୨% ରହିଛି, ଯାହା ୧୮୭୬-୭୮ ମସିହା ପରି ନିର୍ମମ ପରିସ୍ଥିତି ସୃଷ୍ଟି କରିପାରେ । ବିଶ୍ୱ ପାଣିପାଗର ଏହି ପରିବର୍ତ୍ତନ ସମସ୍ତଙ୍କ ପାଇଁ ଏକ ଚେତାବନୀ । ଆବଶ୍ୟକତାଠାରୁ କମ୍ ମୌସୁମି ବର୍ଷା ହେଲେ, ସବୁଠାରୁ ବଡ଼ ପ୍ରଭାବ କୃଷିକ୍ଷେତ୍ର ଉପରେ ପଡ଼ିଥାଏ । ବିଶେଷ କରି ମରୁଡ଼ିପ୍ରବଣ ଅଞ୍ଚଳର ଚାଷୀମାନେ ଗମ୍ଭୀର ଆର୍ଥିକ ସଙ୍କଟର ସାମନା କରନ୍ତି । ଚାଷୀଙ୍କ ଋଣଭାର ଓ ଦାଦନ ସମସ୍ୟା ବଢ଼େ । କୃଷି ଉତ୍ପାଦନ ହ୍ରାସ ପାଇଲେ ଖାଦ୍ୟ-ମୁଦ୍ରାସ୍ଫୀତି ବୃଦ୍ଧି ହେବା ସ୍ୱାଭାବିକ । ଏହା ଫଳରେ ଆନୁଷଙ୍ଗିକ କୃଷିଜାତ ଦ୍ରବ୍ୟ, ଶିଳ୍ପ ଓ ସେବା କ୍ଷେତ୍ରରେ ମୁଦ୍ରାସ୍ଫୀତି ପ୍ରଭାବିତ ହୁଏ । ବର୍ଷା ଅଭାବରୁ ଦେଶର ପ୍ରମୁଖ ଜଳଭଣ୍ଡାର ଓ ଡ୍ୟାମ୍‌ଗୁଡ଼ିକ ଶୁଖିଯିବା ଫଳରେ ଜଳବିଦ୍ୟୁତ୍ ଉତ୍ପାଦନ କମେ ଏବଂ ଭୂଗର୍ଭ ଜଳସ୍ତର ନିମ୍ନଗାମୀ ହୁଏ । ଏଭଳି ସ୍ଥଳେ ଏହି ବିପନ୍ନିରୁ କିପରି ଉଦ୍ଧାର ପାଇବା, ସେ ବିଷୟରେ ଆଲୋଚନା କରିବା ଅଧିକ ପ୍ରାସଙ୍ଗିକ ହୋଇଥାଏ । ଜଳ ସଂରକ୍ଷଣ, ବନୀକରଣ ଓ ଉନ୍ନତ କୃଷି ପ୍ରଣାଳୀ ମାଧ୍ୟମରେ ମରୁଡ଼ିର ମୁକାବିଲା କରାଯାଇପାରିବ । ପାରମ୍ପରିକ ଜଳସେଚନ ସ୍ଥାନରେ ଡ୍ରିପ୍ ଓ ସ୍ପ୍ରିଙ୍କଲର ଜଳସେଚନ ବ୍ୟବସ୍ଥା କରିବାକୁ ପଡ଼ିବ । ଅଧିକ ଜଳ ଆବଶ୍ୟକ କରୁଥିବା ଫସଲ ବଦଳରେ ମରୁଡ଼ି ସହନଶୀଳ ଫସଲ ଚାଷ, ଅଳ୍ପ ଦିନରେ ଅମଳ ହେଉଥିବା କିସମ ଏବଂ ଯଥା ସମ୍ଭବ ଜୈବ ଖତର ବ୍ୟବହାର ବଢ଼ାଇବାକୁ ପଡ଼ିବ । ଫସଲ ବୀମା ଯୋଜନାରେ ସମସ୍ତ ଚାଷୀଙ୍କୁ ସାମିଲ କରିବା ମଧ୍ୟ ଦରକାର । ମରୁଡ଼ି ମୁକାବିଲା କରିବାର ବ୍ୟବସ୍ଥା ମଧ୍ୟରେ ବର୍ଷାଜଳ ଅମଳ ପାଇଁ ନୂତନ ପୋଖରୀ, ଟ୍ରେଚଂ ଓ ଚେକ୍ ଡ୍ୟାମ ନିର୍ମାଣ ଏବଂ ପୁରୁଣା ଜଳାଧାରଗୁଡ଼ିକର ପୁନରୁଦ୍ଧାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଖରିଫ ଫସଲକୁ ବଚାଂଇବା ପାଇଁ ସୌରଶକ୍ତି ବ୍ୟବହାର କରି ସୋଲାର ପମ୍ପ, ଉନ୍ନତ ଜଳସେଚନ ପ୍ରଣାଳୀର ପ୍ରୟୋଗ, ମରୁଡ଼ି ସହନଶୀଳ ବା କମ୍ ପାଣି ଆବଶ୍ୟକ କରୁଥିବା ଫସଲ ଯଥା- ମାଣ୍ଡିଆ, ମୁଗ, ବିରି ଓ ହରଡ଼ ଚାଷକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ । ବିକାଶ ନାଁରେ ନିର୍ଦ୍ଦୟ ଭାବେ ଗଛ କାଟିବା ବଦଳରେ ଅଧିକରୁ ଅଧିକ ଗଛ ଲଗାଇଲେ, ପରିବେଶ ସନ୍ତୁଳିତ ହୁଏ ଏବଂ ବୃଷ୍ଟିପାତ ନିୟମିତ ହୋଇଥାଏ । ଅନାବଶ୍ୟକ ଭାବେ ମାତ୍ରାଧିକ ରସାୟନିକ ସାର ଓ ରୋଗପୋକନାଶକ ବ୍ୟବହାର ନକରି ଜମିର ଆର୍ଦ୍ରତା ବଜାୟ ରଖିବା ପାଇଁ ଘୋଡ଼ାଇ ରଖିବାକୁ (ମଲଚିଂ) ପଡ଼ିବ । ସରକାରଙ୍କୁ ଚାଷୀଙ୍କ ପାଖରେ କୃଷି ସୂଚନା, ରିହାତି ଦରରେ ଯନ୍ତ୍ରପାତି, ବିହନ, ନାନୋ ସାର ଇତ୍ୟାଦି ପହଚାଂଇବାକୁ ପଡ଼ିବ । ନାନୋ ସାର ଓ କୀଟନାଶକ ବ୍ୟବହାର ଲାଗି ଡ୍ରୋନ୍ ବ୍ୟବହାର କରିବାକୁ ପଡ଼ିବ । ପଲି-ହାଉସ୍ ମଧ୍ୟରେ ପନିପାରିବା ଚାଷ କରି ଶୀତଳ ଭଣ୍ଡାରରେ ଅଧିକ ଦିନ ସାଇତିବାକୁ ପଡ଼ିବ । ତାହା ସହ, ଆମକୁ ମାଣ୍ଡିଆ ଭଳି ଶସ୍ୟ ବ୍ୟବହାର କରିବା ସହ ପ୍ରକ୍ରିୟାକରଣ କରାଯାଇଥିବା ଖାଦ୍ୟ ପ୍ରସ୍ତୁତି ଓ ବ୍ୟବହାର ବଢ଼ାଇବାକୁ ପଡ଼ିବ ।ସେହିପରି, ଫସଲ ଚାଷ ସହ ଆନୁଷଙ୍ଗିକ କୃଷିକର୍ମ ଯଥା ପଶୁପାଳନ, ମାଛଚାଷ, ମହୁଚାଷ, ଅଣ୍ଡା ଓ ମାଂସ ପାଇଁ କୁକୁଡ଼ାଚାଷ ବଢାଇବାକୁ ପଡ଼ିବ । କେବଳ ପାରମ୍ପରିକ ଚାଷ ଉପରେ ନିର୍ଭର ନ କରି ମହୁମାଛି ପାଳନ, ଛେଳି ପାଳନ ଓ ଛତୁ ଚାଷ କରି କ୍ଷତିର ଭରଣା କରିହେବ । ମରୁଡ଼ି ପରିସ୍ଥିତି ସହିତ କେତେବେଳେ ମଧ୍ୟ ସ୍ଥାନେ ସ୍ଥାନେ ବାଦଲଫଟା ବର୍ଷା ହେବାକୁ ଏଡ଼ାଇ ଦିଆଯାଇ ନପାରେ । ସରକାର ଉଭୟ ପରିସ୍ଥିତିକୁ ପ୍ରାକୃତିକ ବିପର୍ଯ୍ୟୟ ମନେକରି ପଦକ୍ଷେପ ନେବା ଦରକାର । କୃଷି ବିଜ୍ଞାନ କେନ୍ଦ୍ର ଏବଂ କୃଷି ବିଭାଗର ବୈଜ୍ଞାନିକ, କ୍ଷେତ୍ର କର୍ମଚାରୀମାନେ ଚାଷୀଙ୍କ ପାଖରେ ଛାଇ ଭଳି ନ ରହିଲେ, ଅବସ୍ଥା ସଙ୍ଗିନ୍ ? ହୋଇଯିବା ନିଶ୍ଚିତ । ମରୁଡ଼ି କାରଣରୁ ଫସଲ ନଷ୍ଟ ହୋଇଯିବା ମାତ୍ରେ, ବିକଳ୍ପ ଫସଲ ଚାଷ କରିବା ପାଇଁ ଚାଷୀଙ୍କୁ ବ୍ୟାଙ୍କରୁ ଋଣ ଯୋଗାଇ ଦେବାକୁ ପଡ଼ିବ । ସେମିତି ସୁଲଭ ଦରରେ ବିହନ ଯୋଗାଇବାକୁ ହେବ । ଫସଲ କ୍ଷୟକ୍ଷତିର ଭରଣା କରିବା ପାଇଁ ଚାଷୀଙ୍କ ଋଣଛାଡ଼ କରିବାକୁ ପଡ଼ିବ । ଏଥିପାଇଁ ରାଜସ୍ୱ ବିଭାଗ ତତ୍ପରତା ପ୍ରଦର୍ଶନ କରି ରିଲିଫ୍ କୋଡ୍ ସଂଶୋଧନ କରିବା ଦରକାର । ଏହା ନ କରି ପ୍ରଚଳିତ ନିୟମ ଅନୁସାରେ ସ୍ୱଳ୍ପ-ମିଆଦୀ କୃଷି ଋଣକୁ ମଧ୍ୟମ-ମିଆଦୀ ଋଣକୁ ରୂପାନ୍ତରିତ କଲେ ଏବଂ ମିଆଦୀ ଋଣର ପରିଶୋଧ ଅବଧି ବଢ଼ାଇ ଦେଲେ, ଚାଷୀଙ୍କ ଅ[ଭାଙ୍ଗିଯିବ । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନହେଲେ, ଉଭୟ ମାନବ ଓ ପଶୁପକ୍ଷୀ ସମ୍ପଦ ଘୋର ଆକ୍ରାନ୍ତ ହେବେ । ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ । ଏହା କରିବାକୁ କର୍ମଚାରୀଙ୍କ ଅଭାବ ହେଲେ ଯୁବ ସମାଜକୁ ବ୍ୟବହାର କରିବାକୁ ପଡ଼ିବ । ଜନସାଧାରଣ ଓ ସରକାର ଉଭୟ ଚଳିତ ବର୍ଷ ଖାଦ୍ୟ ଯୋଗାଣ ଓ ଦରଦାମ ନିୟନ୍ତ୍ରଣ ସମେତ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଛନ୍ତି । ଆଶା, ସରକାର ଆଗୁଆ ପଦକ୍ଷେପ ନେବାରେ ତତ୍ପରତା ପ୍ରଦର୍ଶନ କରିବେ ।

ଭିଡ଼ ବାହାରର ଉଚ୍ଚା ମଣିଷ

ସେ ଉଚ୍ଚା ଥିଲେ, ଉଭୟ ଚେହେରାରେ ଓ ଚରିତ୍ରରେ । ସେଥିପାଇଁ ସେ ଭିଡ଼ ଭିତରୁ ଅଲଗା ବାରି ହୋଇପଡୁଥିଲେ । ତାଙ୍କ କଥା ଆଉ କାମରେ କୈଳିନ୍ୟର ସ୍ୱର୍ଶ ଥିଲା, ଆଚାର ବ୍ୟବହାର, ପୋଷାକ ପରିଚ୍ଛେଦ, ବହି, ଚିଠିଲେଖା କାଗଜ ଏପରିକି ବ୍ୟବହାର କରୁଥିବା ଡାକଟିକଟ ବାଛିବାରେ ବି ଆଭିଜାତ୍ୟର ଛିଟା ବାରି ହୋଇପଡୁଥିଲା । ସେଥିପାଇଁ ସେ ଜିଇଁଥିବା ବେଳେ ଭିନ୍ନ ଥିଲେ, ମରଣରେ ମଧ୍ୟ । ୨୦୨୬ ଜୁନ୍ ୪ ତାରିଖର ଉତପ୍ତ ଅପରାହ୍ଣରେ, ତାଙ୍କର ନିର୍ଜୀବ ଶରୀରକୁ ଡାକ୍ତରୀ ଛାତ୍ରଙ୍କ ପାଠପଢ଼ା ଓ ଗବେଷଣା ଲାଗି, ତାଙ୍କ ନିର୍ଦ୍ଦେଶ ମତେ ଧର୍ମପତ୍ନୀ ଶ୍ରୀମତୀ ମିତ୍ରା ଦାସ ନିଜେ ନେଇ ଯେତେବେଳେ ଭୁବନେଶ୍ୱର ଏମ୍ ?ସ (ଅଲ୍ ଇଣ୍ଡିଆ ଇନ୍ ?ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ ?ସ)କୁ ହସ୍ତାନ୍ତର କରି ଆସିଲେ, ସେତେବେଳେ ଏହି ଭିନ୍ନତା ଆଉଥରେ ପ୍ରତିଷ୍ଠିତ ହେଲା । ସାହିତ୍ୟ ଓ ଜୀବନ- ଉଭୟ କ୍ଷେତ୍ରରେ ଭିନ୍ନ ଥିବା ଏହି ମଣିଷଟି ଜଗନ୍ନାଥ ପ୍ରସାଦ ଦାସ, ଯାହାଙ୍କୁ ଅନେକ 'ଜେପି' ବୋଲି ସମ୍ବୋଧନ କରୁଥିଲେ । ସେ ନିଜର ବହୁମୁଖୀ କାର୍ଯ୍ୟଧାରା, ନିର୍ମମ ଶୃଙ୍ଖଳାବୋଧ ଓ ସମୟାନୁବର୍ତ୍ତିତା, ପଦ୍ମପତ୍ରରେ ପାଣିଟୋପା ପରି ଅନାସକ୍ତ ଆସକ୍ତି, ଅନ୍ୟମାନଙ୍କର ଉପକାର, ବଡ଼ ସ୍ୱପ୍ନ ଦେଖିବା ଏବଂ ତାକୁ ସାକାର ରୂପ ଦେବା, ଜୀବନର ପ୍ରତିଟି ମୁହୂର୍ତ୍ତକୁ ସୃଜନ, ସଂଗଠନ ଓ ସଂପର୍କ ଭିତିରେ ବିନିଯୋଗ କରିବା- ଏସବୁ ଥିଲା ତାଙ୍କର ସହଜାତ ଗୁଣ, ଯାହା ଉତ୍ତରାଧିକାର ସୂତ୍ରରେ ପିତା ଅଧ୍ୟାପକ ଶ୍ରୀଧର ଦାସଙ୍କ ଠାରୁ ପାଇଥିଲେ । ସଂକ୍ଷେପରେ, ଜଗନ୍ନାଥ ପ୍ରସାଦ ଦାସ ଥିଲେ ଏକ କୋମଳ କିଂବଦନ୍ତି । ବାପା ଶ୍ରୀଧର ଦାସ ବଉଦରେ ଥିବାବେଳେ ଜନ୍ମ ହୋଇଥିବା ତାଙ୍କର ପ୍ରଥମ ପୁଅ ଅକାଳରେ ବାହୁଡ଼ି ଯାଇଥିଲା । ଏହା ପରେ ଶ୍ରୀଜଗନ୍ନାଥଙ୍କ କୃପାରୁ ୧୯୩୬ ଏପ୍ରିଲରେ ବାଣପୁରରେ ଏ ପୁଅ ଜନ୍ମ ହେବାରୁ ପୁଅର ନାମ ସେ ଦେଇଥିଲେ ଜଗନ୍ନାଥ । କିଶୋର ବୟସରୁ ଜଗନ୍ନାଥ କବିତା ଲେଖିବା ଆରମ୍ଭ କରିଥିଲେ ଓ ଜୀବନର ଦୀର୍ଘ ସମୟ ଜୀବିକା ସହିତ ସାହିତ୍ୟ, ଚିତ୍ର, ନାଟକ, ଗବେଷଣା, ଅନୁବାଦ ଏବଂ ସଂଗଠନ କାମରେ ନିଜକୁ ନିୟୋଜିତ ରଖିଥିଲେ । ଏସବୁ କଥା ଭିତରେ ଲକ୍ଷଣୀୟ ଦିଗ ହେଉଛି ତାଙ୍କର ଭିନ୍ନତା ଓ ଅଭିଜାତ ଭଙ୍ଗୀ । ଉଦାହରଣ ସ୍ୱରୂପ ତାଙ୍କର କବିତା ସଂକଳନ 'ପ୍ରଥମ ପୁରୁଷ'ର ପ୍ରକାଶନ । ବନ୍ଧୁ ଏବଂ ବିଖ୍ୟାତ ଅନନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ଏ ବହିଟିର ଭିତରକୁ ଯିବା ଆଗରୁ ଯାହା ଦୃଷ୍ଟିରେ ପଡ଼େ ତାହା ତା'ର ଭିନ୍ନ ଆକୃତି । ଜେପି ଯେମିତି ଉଚ୍ଚତାରେ ଡେଙ୍ଗା ତାଙ୍କର କବିତା ବହି ମଧ୍ୟ ଥିଲା ଉଚ୍ଚତାରେ ଡେଙ୍ଗା । ଯେଉଁ ଥାକରେ ରଖିଲେ ବି ସେ ତା'ର ଉଚ୍ଚତା ପାଇଁ ଜଳଜଳ ଦିଶେ, ଡେଙ୍ଗା ତାଳଗଛ ପରି । ଏହା ପଛକୁ ତା'ର ପ୍ରଚ୍ଛଦ, ଯାହାକୁ ଆଙ୍କିଥିଲେ ବିଖ୍ୟାତ ସତ୍ୟଜିତ ରାୟ । ୧୯୭୧ରେ ବହିଟି ପ୍ରକାଶିତ ହେବା ବେଳକୁ ଜେପି ୩୫ ବର୍ଷର ତରୁଣ । ସେହିଦିନୁ ସବୁ କାମରେ ଭିନ୍ନ ବୋଲି ବାରି ହୋଇପଡ଼ିବା ଲାଗି ତାଙ୍କ ମନ ଭିତରେ ଯୋଜନା ଓ ସଂକଳ୍ପ । ଜଣାପଡ଼ି ସାରିଥିଲା କୌଣସି ଓଡ଼ିଆ ବହିର ପ୍ରଚ୍ଛଦ ଆଙ୍କିବା ସେଇ ଥିଲା ସତ୍ୟଜିତଙ୍କର ପ୍ରଥମ ଓ ଶେଷ । ପ୍ରକାଶକ ଅନନ୍ତ ମହାପାତ୍ରଙ୍କ ପାଇଁ ମଧ୍ୟ କବିତା ବହି ସଂକଳନ ପ୍ରକାଶନ ଥିଲା ସେଇ ପ୍ରଥମ ଓ ଶେଷ । ମାତ୍ର ଅଭିଜାତ ଜେପିଙ୍କ ପାଇଁ ତାହା ଥିଲା ଦୀର୍ଘ ଅଭିଯାତ୍ରାର ପ୍ରଥମ ଦୃପ୍ତ ପଦକ୍ଷେପ । ଜଗନ୍ନାଥ ପ୍ରସାଦ ଯାହା କିଛି କରିଛନ୍ତି ତାହା ଅଲଗା ବାରି ହୋଇପଡ଼ିଛି । କେହି ତାହାକୁ ଭଲ କହିପାରେ ବା ଖରାପ, ମାତ୍ର କେହି ତାକୁ ଆଡ଼େଇ ଯାଇପାରିବେ ନାହିଁ । ଯେତେବେଳେ ସେ ଆଇଏଏସ୍ ଚାକିରିର ମହତ୍ତ୍ୱପୂର୍ଣ୍ଣ ବିନ୍ଦୁରେ ଥିଲେ, ସେତେବେଳେ ଅକସ୍ମାତ୍ ତାହା ଛାଡ଼ିଦେଲେ । ସମସ୍ତେ ଯେତେବେଳେ ଏହାକୁ ତରବରିଆ ନିଷ୍ପତ୍ତି ଆଖ୍ୟା ଦେଲେ, କବି କେକି ଏନ୍ ଦାରୁୱାଲାଙ୍କ ସହ ସାକ୍ଷାତ୍ ?କାରରେ ଜେପି ସେତେବେଳେ ନିଜେ କହିଲେ, ମୋର ବହୁ ଆଗରୁ ଆଇଏଏସ୍ ଛାଡ଼ିଦେବା ଉଚିତ ଥିଲା । ନାଟକ ଲେଖିଲେ, ଯାହାକୁ ବିଖ୍ୟାତ ରାମଗୋପାଳ ବଜାଜ ନିର୍ଦ୍ଦେଶନା ଦେଲେ ଏବଂ ସେଥିରେ ଅଭିନୟ କଲେ ସୁବିଖ୍ୟାତ ଓମ୍ ପୁରୀ । ବହି ଉନ୍ମୋଚନରେ ରହିଲେ ଜୟା ବଚ୍ଚନ, ଗୁଲଜାର କିମ୍ବା ଅମୋଲ ପାଲେକର । ସିନେମା ସମ୍ବନ୍ଧୀୟ ଆଲୋଚନାରେ ଥିଲା ମୃଣାଳ ସେନ ଏବଂ ହୃଷୀକେଶ ମୁଖାର୍ଜୀଙ୍କ ସାନ୍ନିଧ୍ୟ । ଏ ସବୁରୁ ଗୋଟିଏ କଥା ପ୍ରତିପାଦ୍ୟ- ଜେପି ଅଲଗା ଉଚ୍ଚତାର ମଣିଷ ଥିଲେ । ଭିନ୍ନତା ଥିଲା ତାଙ୍କର ଅଭିଜାତ ଜୀବନଚର୍ଯ୍ୟାର ପୃଥକ୍ ପ୍ରସ୍ତାବନା । ୧୯୯୨ରେ ପ୍ରକାଶ ପାଇଲା ତାଙ୍କର ସବୁଠୁ ଚର୍ଚ୍ଚିତ ଉପନ୍ୟାସ 'ଦେଶ କାଳ ପାତ୍ର' । ଭୁବନେଶ୍ୱରର ଜୟଦେବ ଭବନରେ ଉପସ୍ଥିତ ଏଇ ଲେଖକ ପରି ଅନେକ ଆଗ୍ରହୀ ବ୍ୟକ୍ତିଙ୍କୁ ପ୍ରଥମେ ଯାହା ସେଦିନ ଆକୃଷ୍ଟ କରିଥିଲା ତାହା ଥିଲା ବହିଟିର ଦୃଷ୍ଟି ଭିଡ଼ି ଧରୁଥିବା ମୁଦ୍ରଣ ପରିପାଟୀ । ଆଜି ୨୦୨୬ରେ, ଓଡ଼ିଆ ପାଠକ ଏତେ ଏତେ ସୁନ୍ଦର ସୁନ୍ଦର ଚେହେରାର ବହିମାନଙ୍କ ସହ ପରିଚିତ ହେଲେଣି ଯେ ଏକଥା ସେମାନଙ୍କ ମନରେ ରେଖାପାତ କରିବ ନାହିଁ । ମାତ୍ର ଚଉତିରିଶ ବର୍ଷ ତଳେ, ସେହି ବହିଟିର ଉନ୍ମୋଚନର ଯେଉଁମାନେ ଥିଲେ ପ୍ରତ୍ୟକ୍ଷଦର୍ଶୀ, ସେମାନଙ୍କ ପାଇଁ ସେଦିନର ରୋମାଂଚ ବିସ୍ମୃତ ହେବା ସମ୍ଭବ ନୁହେଁ । ଏହା ପଛକୁ ଉପନ୍ୟାସଟିର ସ୍ଥାପତ୍ୟ, ତା'ର ଶୈଳୀ । ଏସବୁ ମିଶି ବହିଟିକୁ ଭିନ୍ନ ଉଚ୍ଚତାକୁ ନେଇଯାଇଥିଲେ । ଜେପି ଦାସ ଇସ୍ତଫା ଦେବା ପରେ ଓଡ଼ିଶା ଫେରି ନ ଆସି ଦିଲ୍ଲୀରେ ରହିବାକୁ ସ୍ଥିର କଲେ । ଇଣ୍ଡିଆ ଇଂଟରନ୍ୟାସନାଲ ସେଂଟର (ଆଇଆଇସି) ହେଲା ତାଙ୍କର ଦ୍ୱିତୀୟ ଘର । ଜୀବନର ଶେଷ ଆଠ ବର୍ଷ ଯେ ସେ ଭୁବନେଶ୍ୱରରେ ଆସି ରହିଲେ, ଏହା ତାଙ୍କର ନିଷ୍ପତି ନ ଥିଲା, ଥିଲା ପ୍ରଦୂଷିତ ଦିଲ୍ଲୀର ଚେତାବନୀ ଏବଂ ଚିକିତ୍ସକମାନଙ୍କର ପରାମର୍ଶ । ଅନେକେ ଅଭିଯୋଗ କରିଥାଆନ୍ତି ଯେ ଜେପି ଦିଲ୍ଲୀର ମଣିଷ, ପଲ୍ଲୀର ମଣିଷ (ଓଡ଼ିଶାର) ନୁହନ୍ତି । ମାତ୍ର ଏହା କେତେ ଭ୍ରମାତ୍ମକ ତାହା ଶହଶହ ଯୁବ କବି, ଲେଖକ, ଚିତ୍ରକର, କବିତା କର୍ମଶାଳାର ସହଭାଗୀ, ମଚଂ ସହ ସଂପୃକ୍ତ ନିର୍ଦ୍ଦେଶକ, ଅଭିନେତା ଓ ପତ୍ରପତ୍ରିକାର ସଂପାଦକମାନେ କହିବେ । ଜେପି ଥିଲେ ଊର୍ଦ୍ଧ୍ୱ ଆକାଶର ଇଗଲ, ଯିଏ ସବୁଠୁ ଉଚ୍ଚରେ ଉଡୁଥିଲେ ସୁଦ୍ଧା ତା'ର ଲକ୍ଷ୍ୟ ମାଟି ଉପରେ ନିବଦ୍ଧ ଥାଏ । ଜେପି ଭାବପ୍ରବଣ ନ ଥିଲେ କି ଉପରକୁ ଆବେଗ ପ୍ରଦର୍ଶନ କରୁ ନ ଥିଲେ । ତାଙ୍କର ଆବେଗ ଉଡ଼ାଜାହାଜର ଗତି ପରି ଦୃଶ୍ୟମାନ ହେଉ ନ ଥିଲା, ବୁଡ଼ାଜାହାଜର ଗତି ପରି ପ୍ରାୟ ଅଦୃଶ୍ୟ ରହୁଥିଲା । ଜେପିଙ୍କର ବ୍ୟକ୍ତିତ୍ୱର ଆଉ ଗୋଟେ ଦିଗ ଥିଲା ସ୍ୱାଭିମାନ । ସେ ପ୍ରଚଣ୍ଡ ସ୍ୱାଭିମାନୀ ଥିଲେ ଏବଂ ଥରେ ଗୋଟାଏ କିଛି ନିଷ୍ପତ୍ତି ନେବା ପରେ ଆଉ ସେ ସମ୍ବନ୍ଧରେ ଦ୍ୱିତୀୟ ଆଲୋଚନା ଲାଗି ଆକାଂକ୍ଷା ରଖୁ ନ ଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରତ୍ୟାଖ୍ୟାନ ପଛରେ ଥିଲା ଏମିତି ଏକ ନିଷ୍ପତ୍ତି । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରତ୍ୟାଖ୍ୟାନର ଅର୍ଥ ନୁହେଁ ସେ ପୁରସ୍କାର ବିରୋଧୀ ଥିଲେ । ଏହା ପୂର୍ବରୁ ଓ ପରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ, ଶାରଳା ଓ ସରସ୍ୱତୀ ସମ୍ମାନ ପ୍ରଭୃତି ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ପ୍ରଶାସକ ଭାବେ ସେ କିଭଳି ଦକ୍ଷ ଥିଲେ, କଳାହାଣ୍ଡିର ଜିଲ୍ଲାପାଳ ଭାବେ ତାଙ୍କର କାର୍ଯ୍ୟ ତାହାର ପ୍ରମାଣ ଦିଏ । ଗବେଷକ ଭାବରେ ତାଙ୍କ କାର୍ଯ୍ୟର ପରିଚୟ ଦିଏ ଇଂରେଜୀରେ ପ୍ରକାଶିତ ବହି 'ପୁରୀ ପେଟିଂଗସ : ଦ ଚିତ୍ରକର ଆଣ୍ଡ ହିଜ ୱାର୍କ' ଏବଂ ଚିତ୍ରପୋଥି । ଚିତ୍ରଶିଳ୍ପୀ ଭାବରେ ତାଙ୍କର ଆଗ୍ରହ ଓ ସଫଳତାର ପରିଚୟ ମୃଣାଳ ସେନଙ୍କ ଦ୍ୱାରା ପ୍ରଶଂସିତ 'କାଳୀଝିଅ' ଚିତ୍ର । ବ୍ୟବସ୍ଥିତ ଲେଖକ ଭାବରେ ପରିଚୟ ତାଙ୍କ ପାଖକୁ ବିଭିନ୍ନ ବ୍ୟକ୍ତି ଲେଖିଥିବା ଚିଠିପତ୍ରର ସଂକଳନ, ଫେସ୍‌ବୁକ୍‌ରେ ସ୍ଥାନିତ ତାଙ୍କ ମତମନ୍ତବ୍ୟ ସଂକଳିତ ଦୁଇଟି ଗ୍ରନ୍ଥ । ଜଗନ୍ନାଥ ପ୍ରସାଦ ଦାସ ପରମ୍ପରା, ରୀତିନୀତି, ଶ୍ରାଦ୍ଧ-ସଂସ୍କାର ଏଭଳି କଥାରେ ବିଶ୍ୱାସ ରଖୁ ନ ଥିବା ତାଙ୍କର ବନ୍ଧୁମାନେ କହିଥାନ୍ତି । ମାତ୍ର ସେ ଜ୍ୟୋତିଷଗଣନାରେ ବିଶ୍ୱାସ ରଖୁଥିବା ଏହି ଲେଖକ ଉପଲବ୍ଧି କରେ । କେବେ କେହି ଜଣେ ତାଙ୍କୁ କହିଦେଇଥିଲେ ଯେ, ତୁମର ଆୟୁଷ ଅଶି ବର୍ଷ । ଅଶିରେ ପହଚିଂବା ପରଠାରୁ ସେ ବ୍ୟକ୍ତିଗତ ଆଲୋଚନା ସମୟରେ ଏ କଥାଟି ଅଜାଣତରେ କହି ପକାଉଥିଲେ । ସମ୍ଭବତଃ ସେହି କାରଣ ପାଇଁ, ଥରେ ଅଶିରେ ପହଚିଂବା ପୂର୍ବରୁ ଦୁଇଟି ଇଚ୍ଛାପତ୍ର ପ୍ରସ୍ତୁତ କରିଥିଲେ, ଦିଲ୍ଲୀ ଛାଡ଼ି ଭୁବନେଶ୍ୱର ଆସିବା ଆଗରୁ । ସେଇଥିରେ ସେ ଯାହା ଲେଖିଥିଲେ ତାହା ବହୁବାର ଓଡ଼ିଶାର ଗଣମାଧ୍ୟମରେ ପ୍ରଚାରିତ ହୋଇସାରିଛି । ତହିଁର ମୁଖ୍ୟ କଥାଗୁଡ଼ିକ ହେଲା, ତାଙ୍କୁ କୃତ୍ରିମ ଯନ୍ତ୍ରପାତି ସହାୟତାରେ ବଚାଂଇ ରଖିବାକୁ ଉଦ୍ୟମ କରାଯିବ ନାହିଁ, ଜନ୍ମ-ମୃତ୍ୟୁ ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିବାରୁ ଏହାକୁ ନେଇ ଆଡ଼ମ୍ବରର ନିଷ୍ପ୍ରୟୋଜନ, ଫୁଲମାଳ ଓ ଶ୍ରାଦ୍ଧସଭା ଏସବୁ ଅନାବଶ୍ୟକ, ସିଏ ତାଙ୍କ ନିଜ ବାସଭବନରେ ଥାଇ ନିଃଶବ୍ଦରେ, ଅନ୍ୟ କାହାକୁ ଅସୁବିଧାରେ ନ ପକାଇ ବିଦାୟ ନେବାକୁ ଚାହାନ୍ତି । ଜେପି ଦାସ ଭିନ୍ନ ଥିଲେ, ଉଚ୍ଚା ଥିଲେ, ଅଲଗା ଥିଲେ ଏବଂ ଅନେକାଂଶରେ ଅସାଧାରଣ ଥିଲେ । ଜୀବନରେ, ମରଣରେ ବି ।

ଭୟଙ୍କର ହେଉଛି ଜଳବାୟୁ

ଗଲା କିଛି ଦିନ ଧରି ରାଜ୍ୟର ପଶ୍ଚିମାଂଚଳରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢିଚାଲିଥିବା ବେଳେ ପୂର୍ବାଂଚଳରେ ଗୁଳୁଗୁଳି ଜନଜୀବନକୁ ଏକ ପ୍ରକାର ବିପର୍ଯ୍ୟାୟ କରିଦେଇଛି । ପରିସ୍ଥିତି ଏପରି ହୋଇଛି ଯେ, ଗଲା କିଛି ଦିନ ହେଲା ପଶ୍ଚିମ ଓଡିଶାର ବହୁ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଥିବାବେଳେ ୪୦ଡିଗ୍ରୀ ଉପରେ ସହର ସଂଖ୍ୟା ବଢିଚାଲିଛି । ଖରାଦିନେ ଗ୍ରୀଷ୍ମ ପ୍ରବାହ କିଛି ନୂଆ କଥା ନୁହେଁ । ମାତ୍ର ଏବେ କିଛି ବର୍ଷ ଧରି ରାଜ୍ୟରେ ଯେପରି ଗ୍ରୀଷ୍ମ ପ୍ରବାହ ବଢିଚାଲିଛି, ତାହା ପ୍ରକୃତି, ପାଣିପାଗ ଏବଂ ଜଳବାୟୁର ପରିବର୍ତ୍ତନ ସଂକେତ ପ୍ରଦାନ କରେ । ରାଜ୍ୟର ଝାରସୁଗୁଡା, ବୌଦ୍ଧ, ବାରିପଦା, ଟିଟିଲାଗଡ ଆଦି ସହର ଦେଶର ସବୁଠୁ ତାତିଲା ସହର ତାଲିକାରେ ବହୁବାର ସ୍ଥାନୀତ ହୋଇଛି । ନିକଟରେ ଗ୍ଲୋବାଲ ୱାର୍ମି ରିପୋର୍ଟ ପ୍ରକାଶିତ ଏକ ରିପୋର୍ଟରେ ବିଶ୍ୱର ସବୁଠୁ ୬୦ଟି ତାତିଲା ସହର ମଧ୍ୟରେ ଭାରତର କେବଳ ୫୦ଟି ସହର ଥିବା କୁହାଯାଇଥିଲା । କେବଳ ଏତିକି ନୁହେଁ, ଓଡିଶାର ବଲାଙ୍ଗିର ବିଶ୍ୱର ସବୁଠାରୁ ତାତିଲା ସହର ଥିବା କୁହାଯାଇଥିଲା । ଏଥିରେ ବୋଧହୁଏ କେହି ଅସହମତ ହେବେ ନାହିଁ ଯେ, ମଣିଷ ପ୍ରକୃତି ଏବଂ ପରିବେଶ ଉପରେ ଯେତିକି ଯେତିକି ଅତ୍ୟାଚାର ବଢିଚାଲିଛି, ପ୍ରକୃତିର କୋପ ସେତିକି ସେତିକି ବଢିବାରେ ଲାଗିଛି । ଯାହାର ପରିଣତି ସ୍ୱରୁପ ବାତ୍ୟା, ମରୁଡି, ବନ୍ୟା, ଗ୍ରୀଷ୍ମପ୍ରବାହ, କାଳବୈଶାଖୀ ଏବଂ ଶୀତର ପ୍ରକୋପ ବଢିଚାଲିଛି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ପ୍ରତିବର୍ଷ ସାମୁଦ୍ରିକ ବାତ୍ୟା, ଗ୍ରୀଷ୍ମ ପ୍ରବାହ, କାଳବୈଶାଖୀ ଆଦି ପ୍ରାକୃତିକ ବିପର୍ଯ୍ୟାୟ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପରିଣତି ସ୍ୱରୁପ ବ୍ୟାପକ ଧନଜୀବନ କ୍ଷୟକ୍ଷତି ହେଉଛି । ନିକଟରେ ଉତରପ୍ରଦେଶରେ ୨୦ଟି ଜିଲ୍ଲାରେ ଏକ ସମୟରେ କାଳବୈଶାଖୀ ତାଣ୍ଡବରେ ୧୧୧ ଜଣ ଲୋକଙ୍କର ଜୀବନହାନୀ ଘଟିବା ସହ ୭୨ଜଣ ଆହତ ହୋଇଥିଲେ । ବିଦ୍ୟୁତ, ଟେଲିଫୋନ ଖୁଂଟ ଏବଂ ବହୁ ଗଛ ଉପୁଡି ପଡିବା ସହ ହଜାର ହଜାର ଚାଳ, ଟିଣ, ଟାଇଲ ଆଜବେଷ୍ଟସ ଘର ଉଡିଯାଇଥିଲା । କାଳବୈଶାଖୀ ପ୍ରଭାବରେ ଝଡ ପବନରେ ଜଣେ ଲୋକ ଆକାଶରେ ଉଡୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ନିକଟ ଅତୀତରେ ଉତରପ୍ରଦେଶରେ ଜଳବାୟୁ ସମ୍ପର୍କିତ ବିପର୍ଯ୍ୟାୟରେ ଏହା ସବୁଠାରୁ ଘାତକ ଝଡ ଥିଲା ବୋଲି କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଗଲା ୨୦୧୮ ମସିହାଠାରୁ ମେ-ଜୁନ ମାସରେ ଉତରପ୍ରଦେଶ ଅନୁରୂପ ଜଳବାୟୁ ବିପର୍ଯ୍ୟାୟ ଘଟଣାର ସମ୍ମୁଖୀନ ହୋଇଆସୁଛି । କିନ୍ତୁ ନିକଟରେ ସଂଘଠିତ କଳାବୈଶାଖୀ ତାଣ୍ଡବର ତୀବ୍ରତା ଏବେ ଅଧିକ ଥିଲା ଏହା କେବଳ ଧ୍ୱଂସର ତାଣ୍ଡବ ରଚିଥିଲା । ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଏବେ ପ୍ରତିଦିନ ବିଭିନ୍ନ ରାଜ୍ୟ ପାଇଁ କାଳବୈଶାଖୀ, ବଜ୍ରପାତର ସତର୍କ ସୂଚନା ଜାରି କରିବା ଏକ ନିୟମିତ ପ୍ରକ୍ରୀୟାରେ ପରିଣତ ହୋଇଛି ବୋଲି କହିଲେ ଭୁଲ ହୋଇନପାରେ । ସେହିପରି ଉତରପ୍ରଦେଶ ସରକାର ମଧ୍ୟ ସଚେତ ପୋର୍ଟାଲ ମାଧ୍ୟମରେ ଲୋକଙ୍କୁ ସତର୍କ କରାଇବା ପାଇଁ ଗତ ମାସକ ମଧ୍ୟରେ ୩୪କୋଟିରୁ ଉର୍ଦ୍ଧ୍ୱ ରେଡ୍ ଓ ଅରେଞ୍ଜ ୱାର୍ଣ୍ଣି ମ୍ୟାସେଜ ଜାରି କରିଥିଲେ । ସେହିପରି କେବଳ ଓଡିଶା କିମ୍ବା ଉତରପ୍ରଦେଶ ନୁହେଁ, ଦେଶର ବିଭିନ୍ନ ଭାଗରେ ତାପମାତ୍ରା ବୃଦ୍ଧି ଏବେ ଉଦ୍‌ବେଗର କାରଣ ହୋଇଛି । ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଉତର ଭାରତ ଓ କେନ୍ଦ୍ରୀୟ ଭାରତର ରୌଦ୍ରତାପ ୪୫ଡିଗ୍ରୀ ସେଲସିଅସ୍ ଅତିକ୍ରମ କରିଛି । ଆଗାମୀ ଦିନରେ ଲୁ' ଏବଂ ଗ୍ରୀଷ୍ମ ପ୍ରବାହ ଆହୁରି ଭୟଙ୍କର ହୋଇପାରେ । ସେହିପରି ଚଳିତ ସୁପର ଏଲ-ନିନୋ ଯୋଗୁଁ ଦେଶରେ ମୌସୁମୀ ପ୍ରଭାବିତ ହେବା ସହ ଗ୍ରୀଷ୍ମ ପ୍ରବାହ ବପର୍ଯ୍ୟାୟ ଆଣିପାରେ ବୋଲି ବହୁ ବିଦେଶୀ ଓ ଘରୋଇ ପାଣିପାଗ ସଂସ୍ଥା ଚେତାବନୀ ଦେଇଛନ୍ତି । ଏଥିପ୍ରତି

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଜୁନ୍ ୨୮ରେ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେବ ବ୍ୟାପକ ପଲ୍ସ ପୋଲିଓ ଟୀକାକରଣ

ଝାରସୁଗୁଡ଼ା, ୧୩/୬(ନି/ପ୍ର): ଜିଲ୍ଲାରେ ଆଗାମୀ ଜୁନ୍ ୨୮ ତାରିଖରେ ହେବାକୁ ଥିବା ତୀବ୍ରୀକୃତ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମର ସଫଳ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ 'ଜିଲ୍ଲା ଟାସ୍କ ଫୋର୍ସ' ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଜୁନ୍ ୨୦୨୬ ମାଇକ୍ରୋ ପ୍ଲାନ, ବିଭିନ୍ନ ବିଭାଗର ସହଯୋଗିତା ଏବଂ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। କୌଣସି ବି ଶିଶୁ ଯେପରି ଏହି ଟୀକାକରଣରୁ ବଂଚିତ ନ ହେବେ, ସେଥିପାଇଁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗ ସମେତ ସମସ୍ତ ସଂଶ୍ଳିଷ୍ଟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ତଥ୍ୟ ଅନୁଯାୟୀ, ଚଳିତ ଜୁନ୍ ରାଉଣ୍ଡରେ ଜିଲ୍ଲାର ମୋଟ ୩୮,୦୭୬ ଜଣ ୦ ରୁ ୫ ବର୍ଷ ବୟସର ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସମଗ୍ର ଜିଲ୍ଲାରେ ୫୧୭ଟି ପୋଲିଓ ବୁଥ୍ ପ୍ରତିଷ୍ଠା କରାଯାଉଥିବା ବେଳେ ୧୦୯୦ ଜଣ ଟୀକାକରଣ କର୍ମୀ ଏବଂ ୫୯ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଜୁନ୍ ୨୮ ତାରିଖ (ରବିବାର) ଦିନ ବୁଥ୍ ମାଧ୍ୟମରେ ଏବଂ ପରବର୍ତୀ ଜୁନ୍ ୨୯ ଓ ୩୦ ତାରିଖରେ ଟୀକାକରଣ ଦଳ ଘରକୁ ଘର ବୁଲି ବଳକା ଶିଶୁଙ୍କୁ ଦୁଇ ବୁନ୍ଦା ଟୀକା ପ୍ରଦାନ କରିବେ। ଏଥିସହିତ ବସଷ୍ଟାଣ୍ଡ ଓ ରେଳଷ୍ଟେସନ ଭଳି ଗହଳି ସ୍ଥାନ ପାଇଁ ୧୨ଟି ଟ୍ରାଞ୍ଜିଟ୍ ଟିମ୍ ଏବଂ ଇଟାଭାଟି, ନିର୍ମାଣ ସ୍ଥଳ ତଥା ଦୁର୍ଗମ ଅଂଚଳରେ ରହୁଥିବା ଅସ୍ଥାୟୀ ବାସିନ୍ଦା ଓ ପ୍ରବାସୀ ଶିଶୁଙ୍କ ପାଇଁ ୭ଟି ମୋବାଇଲ୍ ଟିମ୍ ନିୟୋଜିତ କରାଯାଇଛି। ଏହି ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଅନ୍ୟ ସମସ୍ତ ସହଯୋଗୀ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗକୁ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି କରିବାକୁ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସରକାରୀ ତଥା ବେସରକାରୀ ପ୍ଲେ-ସ୍କୁଲଗୁଡ଼ିକରେ ପୋଲିଓ ଦଳକୁ ଯାଂଚ ସହ ଟୀକାକରଣ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ପୂର୍ବ ରାଉଣ୍ଡରେ ସ୍କୁଲଗୁଡ଼ିକରେ ରହିଯାଇଥିବା ଅଭାବକୁ ସଧାରିବା ପାଇଁ ଏକ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି।

ଦୁର୍ଦ୍ଦଶାର ସୀମା ଟପିଲା

ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହେବେ ଶିକ୍ଷକ

ଝାରସୁଗୁଡା, ୧୩/୬(ନି/ପ୍ର): ଅର୍ଥାଭାବ, ଦୀର୍ଘଦିନର ଅସୁସ୍ଥତା ଏବଂ ପାରିବାରିକ ଦୁର୍ଦ୍ଦଶାରେ ଜର୍ଜରିତ ହୋଇ ଝାରସୁଗୁଡ଼ା ଜିଲ୍ଲାର ଜଣେ ସହକାରୀ ଶିକ୍ଷକ ଶେଷରେ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବାକୁ ନିଷ୍ପତି ନେଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ହୃଦୟବିଦାରକ ଘଟଣା ଲଖନପୁର ବ୍ଲକ ଅଂଚଳରୁ ସାମ୍ନାକୁ ଆସିଛି। ସମ୍ପୃକ୍ତ ଶିକ୍ଷକ ସତ୍ୟନାରାୟଣ ବେହେରା, ଯିଏ କଣ୍ଡେଇକେଲା କ୍ଲଷ୍ଟର ଅଧୀନ ରେମତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ପରିବାରର ଦୁଇ ଅସହାୟ ସଦସ୍ୟଙ୍କ ସେବା ଓ ନିଜର ଚିକିତ୍ସା ପାଇଁ ଦୀର୍ଘଦିନ ଧରି ସଂଘର୍ଷ କରୁଥିବା ବେଳେ ସେ ଏବେ ଚରମ ମାନସିକ ଓ ଆର୍ଥିକ ସଙ୍କଟ ମଧ୍ୟରେ ରହିଛନ୍ତି। ସୂଚନା ଅନୁସାରେ, ଶ୍ରୀ ବେହେରାଙ୍କ ୭୬ ବର୍ଷୀୟା ମାଆ ଗତ ଚାରି ବର୍ଷ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ସେହିପରି ତାଙ୍କର ୪୦ ବର୍ଷୀୟା ଭଉଣୀ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଅସହାୟ ଜୀବନ ବିତାଉଛନ୍ତି। ଉଭୟଙ୍କ ଖାଦ୍ୟ, ଚିକିତ୍ସା ଓ ଦୈନନ୍ଦିନ ଦେଖାଶୁଣାର ସମସ୍ତ ଦାୟିତ୍ୱ ସେ ଏକାକୀ ବହନ କରୁଛନ୍ତି। ପରିବାରର ଏହି ଭାର ତାଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇଛି। ଦୀର୍ଘଦିନର ମାନସିକ ଚାପ ଓ ଶାରୀରିକ ଦୁର୍ବଳତା କାରଣରୁ ତାଙ୍କ ଦୃଷ୍ଟିଶକ୍ତି ମଧ୍ୟ କ୍ଷୀଣ ହୋଇଥିବା ଜଣାପଡ଼ିଛି। ଏହା ସହ ନିକଟ ସମ୍ପର୍କୀୟ, ବନ୍ଧୁ ଓ ସହୋଦରମାନଙ୍କ ଠାରୁ ଆଶାକରା ସହଯୋଗ ନମିଳିବାରୁ ସେ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଛନ୍ତି। ଜୀବନର ସମସ୍ତ ଆଶା ନିରାଶାରେ ପରିଣତ ହେବା ପରେ ଶ୍ରୀ ବେହେରା ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ପାଇଁ ନିବେଦନ କରିବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି, "ଏପର୍ଯ୍ୟନ୍ତ ଆମ କାର୍ଯ୍ୟାଳୟକୁ ଏଭଳି କୌଣସି ଆବେଦନ କିମ୍ବା ସୂଚନା ମିଳିନାହିଁ। ତେବେ ଜଣେ ଶିକ୍ଷକଙ୍କ ଏପରି ଦୁର୍ଦ୍ଦଶା ଓ ଇଚ୍ଛାମୃତ୍ୟୁ ଭଳି ଚରମ ନିଷ୍ପତ୍ତିର ଖବର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି।"

ଡିଜେଲ କଟକଣାରେ ଇବ୍ ଭ୍ୟାଲି କୋଇଲା ପରିବହନ ଠପ୍: ଜୀବିକା ସଙ୍କଟରେ ଶତାଧିକ ବିସ୍ଥାପିତ ପରିବାର

ଝାରସୁଗୁଡା, ୧୩/୬(ନି/ପ୍ର): ଇବ୍ ଭ୍ୟାଲି କୋଇଲା ଅଂଚଳରେ ଡିଜେଲ ଯୋଗାଣ ଉପରେ ପ୍ରଶାସନିକ କଟକଣା ଜାରି ହେବା ପରେ ଲଜକୁରା ଓ ଲଖନପୁର ଖଣି କ୍ଷେତ୍ରରେ କୋଇଲା ପରିବହନ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଏମ୍ସିଏଲ୍ ଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ପରିବାରଙ୍କୁ ନେଇ ଗଠିତ ପିଏପି (ପ୍ରୋଜେକ୍ଟ ଆଫେକ୍ଟେଡ୍ ପର୍ସନ୍ସ) ସମବାୟ ସମିତିଗୁଡ଼ିକ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଥିବା ବେଳେ ଶତାଧିକ ଡ୍ରାଇଭର, ଅପରେଟର ଓ ଶ୍ରମିକଙ୍କ ଜୀବିକା ବିପଦରେ ପଡ଼ିଛି। ସୂଚନା ଅନୁସାରେ, ପିଏପି ସମିତିଗୁଡ଼ିକ ବଡ଼ ବ୍ୟବସାୟିକ ସଂସ୍ଥାମାନଙ୍କ ଭଳି ସିଧାସଳଖ ତେଲ କମ୍ପାନୀଠାରୁ ବଲ୍କ ପରିମାଣରେ ଡିଜେଲ କ୍ରୟ କରିବାର ସାମର୍ଥ୍ୟ ରଖୁନାହାନ୍ତି। ସେମାନେ ସ୍ଥାନୀୟ ପେଟ୍ରୋଲ ପମ୍ପରୁ ଛୋଟ ଟ୍ୟାଙ୍କର ମାଧ୍ୟମରେ ଡିଜେଲ ଆଣି ଖଣି ଭିତରେ ଚାଲୁଥିବା ଭାରୀ ଯାନଗୁଡ଼ିକରେ ଇନ୍ଧନ ଯୋଗାଉଥିଲେ। କିନ୍ତୁ ସମ୍ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ଡିଜେଲ ପରିବହନ ଉପରେ କଟକଣା ଲାଗୁ କରାଯାଇଥିବା ସହ ପ୍ରତି ଗାଡ଼ିକୁ ସର୍ବାଧିକ ୧୦୦ ଲିଟର ଡିଜେଲ ଯୋଗାଣ ସୀମିତ କରାଯାଇଛି। ପିଏପି ସମିତିଗୁଡ଼ିକର ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ ସମିତି ପାଖରେ ପ୍ରାୟ ୨୦ଟି ଟିପର ଓ ହାଇୱା ସହ ୨ଟି ପେ-ଲୋଡର ରହିଛି। ଏହି ଯାନଗୁଡ଼ିକର ଦୈନିକ ଡିଜେଲ ଆବଶ୍ୟକତା ୩,୫୦୦ରୁ ୪,୦୦୦ ଲିଟର ହୋଇଥିବା ବେଳେ ୧୦୦ ଲିଟର ଡିଜେଲରେ କାର୍ଯ୍ୟ ଚାଲୁ ରଖିବା ଅସମ୍ଭବ ହୋଇପଡ଼ିଛି। ଏମ୍ସିଏଲ୍ର ସୁରକ୍ଷା ନିୟମ ଯୋଗୁଁ ବାରମ୍ବାର ଗାଡ଼ିକୁ ଖଣି ବାହାରକୁ ଆଣି ତେଲ ଭରିବା ମଧ୍ୟ ସମ୍ଭବ ହେଉନାହିଁ। ଏହି ସମସ୍ୟାର ସମାଧାନ ଦାବିରେ ଶିବଶକ୍ତି ମଲ୍ଟିପରପୋଜ କୋ-ଅପରେଟିଭ ସୋସାଇଟି ଲିମିଟେଡ୍ର ଅଶୋକ କୁମାର ସିଂହ, ମା ମଙ୍ଗଳା ଟ୍ରାନ୍ସପୋର୍ଟର ବିଜୟ କୁମାର ସିଂହଦେଓ ଓ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ପ୍ରତିନିଧିମାନେ ଜିଲ୍ଲାପାଳ ଓ ଉପ-ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ପେଟ୍ରୋଲ ପମ୍ପରୁ ଟ୍ୟାଙ୍କର ମାଧ୍ୟମରେ ଡିଜେଲ ଯୋଗାଣକୁ ଅନୁମତି ଦେବା ସହ ଏକ ସ୍ୱତନ୍ତ୍ର ଏସଓପି ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବର୍ତ୍ତମାନ ସ୍ଥିତିରେ ଏହି ଦାବି ପୂରଣ ସମ୍ଭବ ନୁହେଁ ବୋଲି କୁହାଯାଇଥିବାରୁ ବିସ୍ଥାପିତ ଶ୍ରମିକ ଓ ସମିତି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣ ସମସ୍ୟାର ସମାଧାନ ପାଇଁ ସିଏସଓ ଦୁର୍ଗା ଚରଣ ବେସ୍ରାଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ ନ କଲେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ହେବା ସହ ସରକାରୀ ରାଜସ୍ୱ କ୍ଷତିଗ୍ରସ୍ତ ହେବା ଓ ଶ୍ରମିକ ଅଶାନ୍ତି ବଢ଼ିବାର ଆଶଙ୍କା ରହିଛି। ଏହା ସହ ଶତାଧିକ ବିସ୍ଥାପିତ ପରିବାରଙ୍କ ଜୀବିକା ଉପରେ ଗଭୀର ପ୍ରଭାବ ପଡ଼ିବ ବୋଲି ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି।

ଅଟୋକୁ ପିଟିଲା ସଫାରୀ: ବାପ-ଝିଅ ମୃତ

ସମ୍ବଲପୁର, ୧୩/୬(ନି/ପ୍ର): ଅଟୋକୁ ଧକ୍କା ଦେଲା ସଫାରୀ। ଚାଲିଗଲା ବାପ-ଝିଅଙ୍କ ଜୀବନ। ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ଭତରା ଶଙ୍କର ମଠ ଝଙ୍କାର ବନ୍ଧ ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅଟୋରେ ବାପ-ଝିଅ ଘରକୁ ଫେରୁଥିବା ବେଳେ ରାସ୍ତାରେ ଏକ ସିମେଂଟ ମିକ୍ସର ଟ୍ରଲି ନଂ ଓଡ଼ି୧୪ ଏଏଲ ୫୭୧୦ ଏହି ଇଭି ଅଟୋ ନଂ ଓଡ଼ି ୧୫ଏବି୨୨୩୨କୁ ଧକ୍କା ଦେଇ ଚାଲିଯାଇଥିଲା। ଅଟୋ ଚାଳକ ନିୟନ୍ତ୍ରଣ ହରାଇଥିବା ବେଳେ ଏହି ସମୟରେ ପଛରୁ ଦୃତ ଗତିରେ ଆସୁଥିବା ସଫାରୀ ଗାଡି ନଂ ଓଆର୦୨ବିୟୁ ୩୬୧୧ ଧକ୍କା ଦେଇ ରାସ୍ତା କଡ଼ ଏକ ପୋଖରୀକୁ ପଶି ଯାଇଥିଲା। ଅଟୋରେ ଥିବା ବାପା ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ଝିଅ ଅଟୋରେ ଚାପି ହୋଇଯାଇଥିଲେ। ଉଭୟଙ୍କୁ ତୁରନ୍ତ ବୁର୍ଲା ମେଡିକାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ମାନେ ହେଲେ ସମ୍ବଲପୁର ଧନୁପାଲିର ସୁରେନ୍ଦ୍ର ବେହେରା (୩୫) ଓ ତାଙ୍କ ୫ ବର୍ଷୀୟ ଝିଅ ଶୁଭଶ୍ରୀ ବେହେରା। ସୁରେନ୍ଦ୍ର ନିଜ ଅଟୋରେ ଝିଅକୁ ନେଇ ଘରକୁ ଫେରୁଥିବା ବେଳେ ବାଟରେ ଏହି ଦୁର୍ଘଟଣା ଘଟିଥିଲା। ଅଟୋକୁ ଧକ୍କା ଦେବା ପରେ ସଫାରୀ ଗାଡିଟି ପୋଖରୀ ଭିତରକୁ ପଶି ଯାଇଛି। ଏହା ସହ ସଫାରୀ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୋଲିସ ମୃତକ ଦ୍ୱୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ମାଲଦା ଗ୍ରାମବାସୀଙ୍କ ନିଯୁକ୍ତି ଦାବି ନେଇ ଏନଏଲସିଆଇଏଲ୍ କର୍ତୃପକ୍ଷଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

ଝାରସୁଗୁଡ଼ା, ୧୩/୬(ନି/ପ୍ର): ଜିଲ୍ଲାରେ ଅବସ୍ଥିତ ମାଲଦା ଗ୍ରାମବାସୀଙ୍କ ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ଦାବି ଓ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏନଏଲସିଆଇଏଲ୍ ର ବରିଷ୍ଠ ଅଧିକାରୀ ଏବଂ ମାଲଦା ଗ୍ରାମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଆଲୋଚନା ମାଧ୍ୟମରେ ଦୀର୍ଘ ଦିନ ଧରି ଚାଲିଥିବା ଅସନ୍ତୋଷର ଏକ ସହମତିଭିତିକ ସମାଧାନ ବାହାର କରିବାକୁ ଚେଷ୍ଟା କରାଯାଇଛି। ସୂଚନାଯୋଗ୍ୟ ଯେ, ବର୍ତମାନ ଏନଏଲସିଆଇଏଲ୍ ପକ୍ଷରୁ ଝାରସୁଗୁଡ଼ା ଜିଲ୍ଲାର ମାଲଦା, ପାତ୍ରପାଲି ଏବଂ ରାମପୁର ଗ୍ରାମରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା ଯୋଗୁଁ ମାଲଦା ଗ୍ରାମର ଅନେକ ଅଧିବାସୀ ନିଜର ଜମି ହରାଉଛନ୍ତି। ଏନଏଲସିଆଇଏଲ୍ ଖଣି ପ୍ରକଳ୍ପରେ ସ୍ଥାନୀୟ ବିସ୍ଥାପିତ ଓ ଜମିହରା ଗ୍ରାମବାସୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଗ୍ରାମବାସୀମାନେ ନିକଟରେ ଏକ ପ୍ରତିବାଦ ଧର୍ମଘଟ କରିଥିଲେ, ଯାହାଫଳରେ ଅଂଚଳରେ ଉତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀଙ୍କ ଏହି ନ୍ୟାୟୋଚିତ ଦାବି ଏବଂ ସମସ୍ୟାର ସମାଧାନ ପାଇଁ ଆଜି ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମିଳିତ ବୈଠକ ଡକାଯାଇଥିଲା। ବୈଠକରେ ଜିଲ୍ଲାପାଳ ଉଭୟ ପକ୍ଷର ଯୁକ୍ତି ଶୁଣିବା ସହ କମ୍ପାନୀ କର୍ତୃପକ୍ଷଙ୍କୁ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ପ୍ରସଙ୍ଗକୁ ସହାନୁଭୂତିର ସହ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଇନଗତ ପ୍ରକ୍ରିୟା ମଧ୍ୟରେ ରହି କିଭଳି ଗ୍ରାମବାସୀଙ୍କୁ ଉପଯୁକ୍ତ ନିଯୁକ୍ତି ସୁଯୋଗ ମିଳିପାରିବ, ସେ ନେଇ ଏକ ସକାରାତ୍ମକ ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରିବାକୁ ଏନଏଲସିଆଇଏଲ୍ ଅଧିକାରୀମାନଙ୍କୁ କୁହାଯାଇଛି।

ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିରେ ସମ୍ବଲପୁରରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ ହେବ: କନ୍ହେୟା

ସମ୍ବଲପୁର, ୧୩/୬(ନି/ପ୍ର): 'ଧର୍ମେନ୍ଦ୍ର ପ୍ରଧାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ମାଟିକୁ ବଦନାମ କରିଛନ୍ତି। ଏହି ସରକାରରେ ୮୦ରୁ ଅଧିକଥର ପେପର ଲିକ୍ ହୋଇଛି। ଯେତେବେଳେ ପେପର ଲିକ୍ ହୁଏ ଦେଶର କୋଟିକୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଧ୍ୱଂସ ହୋଇଯାଏ। ଯେଉଁଠି ପ୍ରଧାନମନ୍ତ୍ରୀ ଦୁର୍ବଳ ହୁଅନ୍ତି ସେଠାରେ ପେପର ଲିକ୍ ହୁଏ।' ନିଟ୍-ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକସଭା ନିର୍ବାଚନମଣ୍ଡଳୀ ସମ୍ବଲପୁର ସହର ଧନକଉଡ଼ା ପଡ଼ିଆରେ ଆୟୋଜିତ ଛାତ୍ରଯୁବ ଆକ୍ରୋଶ ସମାବେଶରେ ଏହା କହିଛନ୍ତି ଏନ୍ଏସ୍ୟୁଆଇର ପ୍ରଭାରୀ କନ୍ହେୟା କୁମାର। ସେ କହିଛନ୍ତି, ପ୍ରକୃତରେ ଏମାନେ ହିନ୍ଦୁରାଷ୍ଟ୍ର ନୁହେଁ ବରଂ ମୂର୍ଖଙ୍କ ରାଷ୍ଟ୍ର କରିବାକୁ ଚାହାନ୍ତି। ପରୀକ୍ଷାରେ ଚର୍ଚ୍ଚା କରୁଥିବା ପ୍ରଧାନମନ୍ତ୍ରୀ ପେପର ଲିକ୍ ଉପରେ ଚର୍ଚ୍ଚା କରିପାରୁ ନାହାନ୍ତି। ଏମାନଙ୍କୁ ପରୀକ୍ଷା ପରିଚାଳନା ପାଇଁ ଏୟାରଫୋର୍ସର ଆବଶ୍ୟକତା ପଡୁଛି। ଆଜି ଧର୍ମେନ୍ଦ୍ର ପ୍ରଧାନ ଜଗନ୍ନାଥଙ୍କ ଦରବାରକୁ ଲୋକଙ୍କ ପାଇଁ ଯାଇନଥିଲେ। ନିଜ ଚୌକି ବଚାଂଇବା ପାଇଁ ଯାଇଥିଲେ। ଏମାନେ ପେପର ଲିକ୍କରି ଛାତ୍ରଛାତ୍ରୀଙ୍କ ଆଖିତାଡ଼ି ବିକଶିତ ଭାରତର ସ୍ୱପ୍ନ ବିକ୍ରି କରୁଛନ୍ତି। ଚଳିତ ବର୍ଷ ବ୍ୟୁଟିପାର୍ଲରରେ ଲିକ୍ ପେପର ମିଳୁଥିଲା। ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ୍‌ରେ ଭାଇରାଲ୍ ହେଉଥିବା ବେଳେ ସରକାର ସମ୍ପୂର୍ଣ୍ଣ ନୁହେଁ ବରଂ ଅଳ୍ପ ପେପର ଲିକ୍ ହୋଇଥିବା କହିବାଠାରୁ ଦୁର୍ଭାଗ୍ୟଜନକ କିଛି ନାହିଁ ବୋଲି କନ୍ହେୟା କହିଥିଲେ। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ଜାତୀୟ ସଭାପତି ବିନୋଦ ଝାଖଡ଼ କହିଛନ୍ତି, ପେପର ଲିକ୍ ଯୋଗୁଁ ଯେତେ ସଂଖ୍ୟାରେ ବିଦ୍ୟାର୍ଥୀଙ୍କ ମୃତ୍ୟୁ ହୋଇଛି ଏହାର ଉନ୍ନରଦାୟିତ୍ୱ କାହାର ସେ ନେଇ ସରକାର ଜବାବ ଦେବା ଉଚିତ। ସରକାରଙ୍କ ସଂରକ୍ଷଣ ନ ମିଳିଲେ କୌଣସି ବ୍ୟକ୍ତି ପେପର ଲିକ୍ କରିପାରିବେ ନାହିଁ। ଯେତେ ଦିନ ପର୍ଯ୍ୟନ୍ତ ଧର୍ମେନ୍ଦ୍ର ପ୍ରଧାନ ଗାଦି ଛାଡ଼ିବେ ନାହିଁ ସମ୍ବଲପୁରରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଶ୍ରୀ ଦାସ ପେପର ଲିକ୍ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଯଥାଶୀଘ୍ର ଇସ୍ତଫା ନ ଦେଲେ ରାଜ୍ୟ ଏବଂ ସମ୍ବଲପୁରର ମର୍ଯ୍ୟାଦା ରହିବ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କଂଗ୍ରେସ ଗଣମାଧ୍ୟମ ବିଭାଗ ସଭାପତି ଅରବିନ୍ଦ ଦାସ ପରିଚାଳନା କରିଥିଲେ। ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ, ଦେବଗଡ଼ ସମେତ ଅନେକ ଜିଲ୍ଲାର କଂଗ୍ରେସ ନେତାଙ୍କୁ ସମାବେଶରେ ସାମିଲ କରାଇ ନଦେବା ପାଇଁ ଗିରଫଦାରୀ କରାଯାଇଥିଲା। ଅପରାହ୍ଣ ପ୍ରାୟ ୪.୩୦ରେ କଡ଼ା ପୁଲିସ ସୁରକ୍ଷା ବଳୟରେ କନ୍ହେୟା କୁମାର ସମ୍ବଲପୁର ପହଚିଂବା ପରେ ରାଲିର ଆୟୋଜନ ହୋଇଥିଲା। ଅଇଁଠାପାଲିରୁ ରାଲି ଆରମ୍ଭ ହୋଇ ଧନକଉଡ଼ା ପର୍ଯ୍ୟନ୍ତ ପହଚିଂଥିଲା। କଳା ବେଲୁନ୍ ଛାଡ଼ି ରାଲିର ଆରମ୍ଭ ହୋଇଥିଲା। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟରେ ଓଡ଼ିଶା ମେଡିକାଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଭା

କର୍ମଚାରୀଙ୍କ ସମସ୍ୟା ଓ ଅଧିକାର ଉପରେ ଗୁରୁତ୍ୱାରୋପ

ଝାରସୁଗୁଡ଼ା, ୧୩/୬(ନି/ପ୍ର): ଓଡ଼ିଶା ମେଡିକାଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଆଜି ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରାଯାଇ କର୍ମଚାରୀମାନଙ୍କ ସହ ବିଭିନ୍ନ ଜ୍ୱଳନ୍ତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସଂଘର ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଂଘର ଏକ ପ୍ରତିନିଧି ଦଳ ଝାରସୁଗୁଡା ଗସ୍ତରେ ଆସିଥିଲେ। ଏହି ଦଳରେ ରାଜ୍ୟ ଉପସଭାପତି ସାକିର ଖାଁ, ଉପ-ସମ୍ପାଦକ ଶିବପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଟୋପାକ୍ ଏବଂ ଜିଲ୍ଲା ସମ୍ପାଦକ ଦେବାନନ୍ଦ ବାରିକ ପ୍ରମୁଖ ସାମିଲ ଥିଲେ। ସଭାରେ ଠିକା ସଂସ୍ଥାମାନଙ୍କ ଦ୍ୱାରା ହେଉଥିବା ଅନିୟମିତତା, କର୍ମଚାରୀଙ୍କ ଶୋଷଣ, ମୌଳିକ ସୁବିଧାର ଅଭାବ ଏବଂ କର୍ମଚାରୀ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କର୍ମଚାରୀମାନେ କିପରି ସେମାନଙ୍କର ନ୍ୟାୟସଙ୍ଗତ ଅଧିକାର ଓ ସୁବିଧା ପାଇପାରିବେ ଏବଂ ଶୋଷଣ ବନ୍ଦ କରାଯାଇପାରିବ, ସେନେଇ ସଂଘ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଅବସରରେ ସଂଘର ପଦାଧିକାରୀମାନେ କହିଥିଲେ ଯେ, ଆଗାମୀ ଦିନରେ ଓଡ଼ିଶା ମେଡିକାଲ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘକୁ ଅଧିକ ସଶକ୍ତ କରାଯିବ ଏବଂ କର୍ମଚାରୀମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ସଂଘ ସଦା ସର୍ବଦା ଲଢ଼େଇ ଜାରି ରଖିବ। ସଭାରେ ଆରତୀ ସାହୁ, ସସ୍ମିତା ଦ୍ୱିବେଦୀ, ଦେବକୀ ବଡ଼େଇ, ପରମେଶ୍ୱର ଖଣ୍ଡା, ଶକ୍ତିପଦ ଅଧିକାରୀ, ଭାସ୍କର ଦାସ, କାର୍ତ୍ତିକ କାଲୋ, ସଞ୍ଜୟ କଲେତ, ମନୋଜ କିସାନଙ୍କ ସହ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ।

ବୃହତ ଶିଳ୍ପ ଓ ଏମଏସଏମଇ ମଧ୍ୟରେ ସମନ୍ୱୟ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ

ଝାରସୁଗୁଡ଼ା, ୧୩/୬(ନି/ପ୍ର): ଜିଲ୍ଲାରେ ଶିଳ୍ପ ସମୃଦ୍ଧ ପରିବେଶକୁ ଆହୁରି ସୁଦୃଢ଼ କରିବା ଏବଂ ସ୍ଥାନୀୟ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ବୃହତ ଶିଳ୍ପାନୁଷ୍ଠାନ ଏବଂ ଏମଏସଏମଇ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ଶିଳ୍ପ ଅନୁକୂଳ ପରିସଂସ୍ଥାନ ସୃଷ୍ଟି କରିବା ଏହି ବୈଠକର ମୂଳ ଲକ୍ଷ୍ୟ ଥିଲା। ଏହି ଆଲୋଚନାରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଏବଂ 'ଦୀପା' ଟିମ୍ ଝାରସୁଗୁଡ଼ାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବୈଠକର ରୂପରେଖ ପରିଚାଳନା କରିଥିଲେ। ବୈଠକରେ ବୃହତ ଶିଳ୍ପଗୁଡ଼ିକ ଦ୍ୱାରା ସ୍ଥାନୀୟ ଏମଏସଏମଇ ଉଦ୍ୟୋଗଗୁଡ଼ିକରୁ ସେମାନଙ୍କ ଆବଶ୍ୟକୀୟ ସାମଗ୍ରୀ ତଥା ସେବା କ୍ରୟ ବୃଦ୍ଧି କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହାଦ୍ୱାରା ସ୍ଥାନୀୟ ବ୍ୟବସାୟୀ ଓ ଉଦ୍ୟୋଗୀମାନେ ବ୍ୟାପକ ଭାବେ ଉପକୃତ ହୋଇପାରିବେ ବୋଲି ଆଶା ପ୍ରକାଶ କରାଯାଇଛି। ଏହି ସମନ୍ୱୟକୁ ସହଜ, ସ୍ୱଚ୍ଛ ଏବଂ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏକ ସ୍ୱତନ୍ତ୍ର 'ଏମଏସଏମଇ ଏବଂ ବୃହତ ଶିଳ୍ପ ପୋର୍ଟାଲ' ବିକଶିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡିଜିଟାଲ୍ ପୋର୍ଟାଲ୍ ମାଧ୍ୟମରେ ବୃହତ ଶିଳ୍ପଗୁଡ଼ିକ ସେମାନଙ୍କର ଆବଶ୍ୟକତା ଏବଂ ଏମଏସଏମଇ ଗୁଡ଼ିକ ସେମାନଙ୍କର ଉତ୍ପାଦିତ ସାମଗ୍ରୀର ବିବରଣୀ ସହଜରେ ସେୟାର କରିପାରିବେ। ଏହି ଆଲୋଚନାରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ଏବଂ 'ଦୀପା' ଟିମ୍ ଝାରସୁଗୁଡ଼ାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ବୈଠକର ରୂପରେଖ ପରିଚାଳନା କରିଥିଲେ।

କରାଟେ ଅର୍ଗାନାଇଜେସନ ଓ ଟାଇକଣ୍ଡୋ ସଂଘର ସମର କ୍ୟାମ୍ପ ଉଦ୍‌ଯାପିତ

ବଲାଙ୍ଗୀର, ୧୩/୬(ନି/ପ୍ର): ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନ ଏବଂ ବଲାଙ୍ଗୀର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା କରାଟେ ତଥା ଟାଇକଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ତରଣି ସୁନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ସୁନା କହିଥିଲେ ଯେ, ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କରାଟେ ଏବଂ ଟାଇକଣ୍ଡୋ ଭଳି ସମର କଳା ଅତ୍ୟନ୍ତ ଜରୁରୀ।

ଆରଏସପି ସିନିୟର ସିଟିଜେନ୍ ୱେଲଫେୟାର ଗୃପର ସାଧାରଣ ବୈଠକ ଓ ଆଲୋଚନାଚକ୍ର :

ବୈଠକରେ ୨୨ ଜଣିଆ କୋର୍ କମିଟି ଗଠିତ

ରାଉରକେଲା,୧୩/୬(ନି/ପ୍ର): ଇସ୍ପାତ କାରଖାନା ଅବସରପ୍ରାପ୍ତ ସିନିୟର ସିଟିଜେନ ୱେଲଫେୟାର ଗୃପ ପକ୍ଷରୁ ଏକ ବୈଠକ ଆବାହକ ପ୍ରଭାକର ମଲ୍ଲିକଙ୍କ ଆହ୍ୱାନରେ ସେକ୍ଟର-୧୬ ସ୍ଥିତ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପରିଚାଳନା କମିଟି ଗଠନକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖୀ ନୀତି ଓ କର୍ମଚାରୀ ବିରୋଧୀ ପଦକ୍ଷେପ ପ୍ରତିବାଦରେ ଏହି ଆଲୋଚନା ଆୟୋଜିତ ହୋଇଥିଲା । ଲାଇସେନ୍ସ ଆଧାରରେ ଅବସରପ୍ରାପ୍ତ କର୍ମଚାରୀମାନେ ନେଇଥିବା କ୍ୱାର୍ଟରର ଏକ୍ସଟେନସନ୍ ଭଙ୍ଗା ନୋଟିସର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ୧୮ ମାସିଆ କ୍ୱାର୍ଟର ରିଟେନସନ୍ ସ୍କିମ୍ ?ର ପୁନଃ ପ୍ରଚଳନ ଏବଂ କର୍ମରତ କର୍ମଚାରୀଙ୍କ ପାଇଁ ଡବଲ୍ କ୍ୱାର୍ଟର ସ୍କିମ୍ ?କୁ ବଳବନ୍ତର ରଖିବା ଦାବିରେ ଅନୁଷ୍ଠିତ ଏହି ବୈଠକରେ ଶତାଧିକ ସଂଖ୍ୟାରେ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ, ବିଭିନ୍ନ ଶ୍ରମିକ ସଂଗଠନ, ସାମାଜିକ ସଂଗଠନ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ଆରଏସପି ସମର୍ଥନ ଜଣାଇଥିଲେ । ଧବଳେଶ୍ୱର ମହାଦେବଙ୍କ ପାଖରେ ପୂଜାର୍ଚ୍ଚନା କରି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଧାୟକ ସାରଦା ପ୍ରସାଦ ନାୟକ ଉଦବୋଧନ ଦେଇଥିଲେ । ରାଉରକେଲା ଶ୍ରମିକ ସଂଘର ସାଧରଣ ସମ୍ପାଦକ ପ୍ରଶାନ୍ତ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଯେଉଁ ଶ୍ରମିକମାନେ ନିଜ ଜୀବନର ଅମୂଲ୍ୟ ସମୟ, ଶ୍ରମ, ଲୁହ ଓ ଲହୁ ଦେଇ ଇସ୍ପାତ କାରଖାନା ଏବଂ ଇସ୍ପାତ ନଗରୀ ଗଢ଼ିଛନ୍ତି, ସେମାନଙ୍କୁ ଅବସର ପରେ ଅଯଥା ହଇରାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସେ ଚେତାବନୀ ଦେଇ କହିଥିଲେ ଯେ, ଦୀର୍ଘ ୨୦ ବର୍ଷ ଧରି କ୍ୱାର୍ଟର ବାବଦରେ ୩୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅବସରପ୍ରାପ୍ତ କର୍ମଚାରୀଙ୍କ ଠାରୁ ଆଦାୟ କରାଯାଇଛି ଏବଂ ମାସିକ ଭଡ଼ା ମଧ୍ୟ ନିଆଯାଉଛି । ତେଣୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବଳପୂର୍ବକ ଉଚ୍ଛେଦ କରିବାର ଯେକୌଣସି ପ୍ରୟାସକୁ ସେ ଦୃଢ଼ ଭାବେ ବିରୋଧ କରିବେ । କୌଣସି ପରିସ୍ଥିତିରେ କ୍ୱାର୍ଟର ଏକ୍ସଟେନସନ୍ ବା ଭଙ୍ଗାଯିବାକୁ ଦିଆଯିବ ନାହିଁ । ଏଥିସହିତ ଏଥିରୁ ସୃଷ୍ଟି ହେବାକୁ ଥିବା ଯେକୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ଇସ୍ପାତ କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ । ସେଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବାର ଆବଶ୍ୟକତା ରହିଛି । ବିଶେଷ ଅବସରରେ ସଂଗଠନର ମୂଳ ଲକ୍ଷ୍ୟ, ଆଭିମୁଖ୍ୟ ଏବଂ ସମାଜର ବରିଷ୍ଠ ନାଗରିକମାନଙ୍କର ଦୈନନ୍ଦିନ କଲ୍ୟାଣ ତଥା ସେବା ପ୍ରଦାନ ନିମନ୍ତେ ଆଲୋଚନା ହୋଇଥିଲା ।ଲାଇସେନ୍ସ କ୍ୱାର୍ଟରଧାରୀ ଘର ସଂପ୍ରସାରଣ ହଟାଇବା ପାଇଁ ଆରଏସପି ନୋଟିସ ଜାରି କରିବା ପରେ ପ୍ରାୟ ୫ ହଜାର ଲାଇସେନ୍ସଧାରୀ ଏବେ ଘୋର ମାନସିକ ଚାପରେ ରହିଛନ୍ତି । ଏହି ଦୁର୍ଦ୍ଦିନ ସମୟରେ ସିନିୟର୍ ସିଟିଜେନଙ୍କ ସପକ୍ଷରେ ଶ୍ରମିକ ସଂଗଠନ, ରାଜନୈତିକ ଦଳ, ସ୍ଥାନୀୟ ଜନପ୍ରତିନିଧି ପ୍ରତିନିଧି ପ୍ରମୁଖ ଆଗକୁ ଆସି ଆରଏସପି କର୍ତ୍ତୃପକ୍ଷ ନିଷ୍ପତିକୁ କଡା ସମାଲୋଚନା କରିଥିଲେ । ସମସ୍ତଙ୍କ ସହଯୋଗରେ ଏହି ସମସ୍ୟାକୁ କିପରି ସମାଧାନ କରାଯାଇପାରିବ, ସେ ନେଇ ଏକ ମାନସ ମନ୍ଥନ ଆରମ୍ଭ ହୋଇଛି । ସାଧାରଣ ବୈଠକରେ ଆଗକୁ ଆସିଥିବା ଜନ ପ୍ରତିନିଧି , ସମାଜସେବୀ ଓ ଶ୍ରମିକ ସଂଗଠନର ନେତୃତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ଅତିଥିମାନଙ୍କ ମଧ୍ୟରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଯୁବ ସମାଜସେବୀ ପ୍ରଶାନ୍ତ ସେଠୀ, ଗୋପାଳ ଜେନା ଓ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମଙ୍କ ପ୍ରତିନିଧି ଦିଲ୍ଲୀପ ପଟ୍ଟନାୟକ, ବିଜେପି ନେତା ମନୋରଞ୍ଜନ ମୁନୀ, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଥିଲେ । ସେମାନେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ନିଜ ନିଜର ସୁଚିନ୍ତିତ ମତାମତ ଦେବା ସହ ସମସ୍ତେ ଏକଜୁଟ୍ ହୋଇ ଆନ୍ଦୋଳନ କଲେ ଏ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପୋଷଣ କରିଥିଲେ । ପୂର୍ବରୁ ଆରଏସପି ଲିଜ୍ ସୁତ୍ରରେ କେତେକ ଘର ପ୍ରଦାନ କରିଥିଲେ । ଏବେ ସମସ୍ତ ଲାଇସେନ୍ସ କ୍ୱାଟରକୁ ଲିଜ୍ ସୁତ୍ରରେ ପ୍ରଦାନ ନେଇ ଆରଏସପି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ସହ ଏନେଇ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅନୁରୋଧ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରସ୍ତାବ ପାରିତ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଆରଏସପି ସିନିୟର ସିଟିଜେନ ୱେଲଫେୟାର ଗ୍ରୁପର ଏକ କୋର କମିଟି ଘୋଷଣା କରାଯାଇଥିଲା । ଏହି କୋର କମିଟିରେ ଆବାହକ ଭାବେ ପ୍ରଭାକର ମଲ୍ଲିକ ରହିଥିବା ବେଳେ ସଦସ୍ୟ ବୃନ୍ଦଙ୍କ ମଧ୍ୟରେ ନିର୍ମଳ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ପରିଡା, ସନ୍ତୋଷ କୁମାର ମହାପାତ୍ର, ତୁଷାର କାନ୍ତି ନାୟକ, ଜ୍ୟୋତି ରଞ୍ଜନ ମହାପାତ୍ର,ସଚିନ ରାୟ, ଜଗନ୍ନାଥ ରାଉତ,ରିପୁଦାମନ ଜେନା, କୁଳମଣି ମାହାନ୍ତି, ଶାନ୍ତନୁ କୁମାର ପ୍ରଧାନ, ଲୋକେଶ ରାଉତ, ଦିବାକର ସାମଲ, ବସନ୍ତ କୁମାର ନାୟକ, ନିଳକଣ୍ଠ ପରିଡା, ପ୍ରଶାନ୍ତ କୁମାର ଦାସ,ବିଜୟ କୁମାର ମହାପାତ୍ର, ଶରତଚନ୍ଦ୍ର ପାଣ୍ଡବ, ସୁଶାନ୍ତ କୁମାର ପ୍ରଧାନ, ମୀନକେତନ ନନ୍ଦ ଓ ଅନାଦୀ ଚରଣ ରାଉତ ପ୍ରମୁଖ ରହିଛନ୍ତି । ଆଗାମୀ ଦିନରେ ସିନିୟର ସିଟିଜେନ୍ ୱେଲଫେୟାର ଗ୍ରୁପର ସମସ୍ତ ଭଲମନ୍ଦ ଓ ନିଷ୍ପତି କୋର କମିଟି ପକ୍ଷରୁ ନିଆଯିବା ନେଇ ସ୍ଥିରୀକୃତ ହୋଇଛି ।

ରାଉରକେଲାରେ ଇଏସଆଇସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ଦାବି

ରାଉରକେଲା,୧୩/୬(ନି/ପ୍ର): ରାଉରକେଲାରେ ଇଏସଆଇସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ଦାବିନେଇ କର୍ମଚାରୀ ରାଜ୍ୟ ବୀମା ନିଗମ ଇନ୍ସୁରାନ୍ସ କମିଶନର ଓ ଆଂଚଳିକ ନିର୍ଦ୍ଦେଶକଙ୍କୁ ହିନ୍ଦ ମଜଦୁର ସଭାର ଦାବିପତ୍ର ପ୍ରଦାନ ।ରାଉରକେଲା ଆଜି ତା ୧୧.୦୬.୨୦୨୬ ରିଖ ଅପରାହ୍ନ ପାଟଂଟା ସମୟରେ ଜେଲରୋଡ ସ୍ଥିତ ଇ ଏସ ଆଇ ସି ମଡେଲ ହସ୍ପିଟାଲ ରେ ମଡେଲ ହସ୍ପିଟାଲ ଅଧକ୍ଷଙ୍କ ପ୍ରକୋଷ୍ଟରେ ହିନ୍ଦ ମଜଦୁର ସଭାର ଏକ ପ୍ରତିନିଧି ମଣ୍ଡଳୀ ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଂଚଳ ଶ୍ରମିକ ସଭାର ସର୍ବଶ୍ରୀ ଜଗବନ୍ଧୁ ଜେନା, ଦିଲ୍ଲୀପ ଜେନା, ବିମଳ ବେହୁରିଆ, ରାକେଶ ଚାନ୍ଦ, ତନ୍ମୟ ରଥ, ଅଶୋକ କୁମାର ଦାଶ, ଶ୍ରୀମତୀ ବିନ୍ଦୁରେଖା ସାହୁ ପ୍ରଭୃତି ଇନ୍ସୁରାନ୍ସ କମିଶନର ଶ୍ରୀଯୁକ୍ତ ପ୍ରଣୟ ସିଂହା ଓ ଆଂଚଳିକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ରୁଦ୍ରଦୀପ ଦନ୍ନ ଙ୍କୁ ଭେଟ୍ଟ କରି,ରାଉରକେଲା ରେ ଇ ଏସ ଆଇ ସି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ ସ୍ଥାପନ ସହିତ ମଡେଲ ହସ୍ପିଟାଲ କୁତୁରନ୍ତ ୧୫୦ ବେଡ଼ ବିଶିଷ୍ଟ କରାଯିବ, ଖାଲିଥିବା ଅସ୍ଥି ସଲ୍ୟ ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ନିଯୁକ୍ତି ଏବଂ ଡିଜିଟାଲ ଏକ୍ସରେ ତୁରନ୍ତ କରିବାକୁ ପ୍ରତିଶ୍ରୁତି ସହିତ ଆଇ. ଜି. ଏଚ ରେ ରେଫର ରୋଗୀଙ୍କୁ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ ଓ ଔଷଧ ରୋଗୀଙ୍କୁ ପୂର୍ବଭଳି କିଣିବାକୁ ପଡ଼ିବନି ଆଇ. ଜି ଏଚ କର୍ତ୍ତୃପକ୍ଷ ରୋଗୀ ସୁସ୍ଥ ହେବା ପର୍ଯ୍ୟନ୍ତ ଜିରୋବା ବିନା ଖର୍ଚ୍ଚରେ ସେବା,। ଚିକିତ୍ସା କରିବେ, ମଡେଲ ହସ୍ପିଟାଲ ରେ ମେଲ ଇଣ୍ଡୋର୍‌, ପୁରୁଷ ଅନ୍ତର୍ର ବିଭାଗରେ ସେଟ୍ରାଂଲ ଏୟାର କଣ୍ଡିସନ କାମକରୁନଥିବାରୁ ଚାରୋଟି ଚେମ୍ବର ରେ ଚାରୋଟି ଏୟାର କଣ୍ଡିସନ ଲଗାଇ ବାକୁ ନିଷ୍ପତି ଓ ମଡେଲ ହସ୍ପିଟାଲ ରେ ଇଞ୍ଜିନିୟରିଙ୍ଗ ବିଭାଗରେ ହୋଇଥିବା ଅର୍ଥ ଅନିୟମିତତାର ନିରପେକ୍ଷ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଲୋଚନା ପରେ ପ୍ରତିଶ୍ରୁତି ଦେଇଥିଲେ, ଏହି ଆଲୋଚନାରେ ମଡେଲ ହସ୍ପିଟାଲ ଅଧକ୍ଷ ମାସିହ ପ୍ରକାଶ ମିଞ୍ଜ, ଇ ଏସ ଆଇସି ଷ୍ଟେଟ ମେଡିକାଲ ଅଫିସର ଡା ଆଭା ତିର୍କୀ, ମଡେଲ ହସ୍ପିଟାଲର ନୋଡାଲ ଅଫିସର ଡା ଲାଲମୋହନ ମିଶ୍ର, ଉପ ନିର୍ଦ୍ଦେଶକ ସଂଜୀବ କୁମାର ଉପସ୍ଥିତ ଥିଲେ

ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ମୋରଡ଼ା,୧୩।୬:(ନି/ପ୍ର): ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ, ଘରେ କାମ କରୁଥିବା ବେଳେ ବିଷଧର ସାପ କାମୁଡ଼ିଲା, ଡାକ୍ତରଖାନା ନେବା ପୂର୍ବରୁ ଟଳିପଡ଼ିଲେ ୭୦ ବର୍ଷୀୟା ମହିଳା ।ମୟୂରଭଞ୍ଜ ଜିଲ୍ଲା ଫାଁଶିଆ ।ପଚାଂୟତ ଚକଗ୍ରିଆ ।ଗ୍ରାମରେ ସାପ କାମୁଡ଼ାରେ ଜଣେ ୭୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ହେଲେ ସାରଦା ଭଞ୍ଜ ।ସ୍ୱାମୀ ଲକ୍ଷ୍ମୀଧର ଭଞ୍ଜ କହିବା ଅନୁଯାୟୀ,ସାରଦା ଭଞ୍ଜ ଆ।ଜି ସକାଳେ ନିଜ ଘରେ କାମ କରୁଥିବା ସମୟରେ ହଠାତ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲାୟ ଘଟଣା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ।

ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ସହ ଆରଏସପି ରାଖଡ ପରିବହନ ନେଇ ଚୁକ୍ତି

ରାଉରକେଲା,୧୩/୬(ନି/ପ୍ର): ରାଖଡ ପରିବହନକୁ ନେଇ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ଏବଂ ଆରଏସପିରୁ ରାଖଡ ପରିବହନ କରୁଥିବା ବାହାରର ଗାଡିଗୁଡିକୁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାମାନେ ଜୁନ୍ ୮ ତାରିଖରୁ ଆରମ୍ଭ କରିଥିବା ଧର୍ମଘଟ ଜୁନ୍ ୧୦ ତାରିଖ ଦିନ ଅର୍ଥାତ୍ ତୃତୀୟ ଦିନ ଆଲୋଚନା ପରେ ଶେଷ ହୋଇଥିଲା । ଏହି ରଘୁନାଥପାଲ୍ଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ର ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ ସମର୍ଥନ ଜଣାଇବା ସହିତ ତୁରନ୍ତ ଏହାର ସମାଧାନ କରି ରଘୁମଥପାଲି ଟିପ୍ପର ମାଲିକ ସଂଘକୁ ମାଲ ପରିବହନ ପାଇଁ ଅନୁମତି ଦେବାକୁ ଆରଏସପି କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଜଣାଇଥିଲେ । ଜୁନ ୧୦ ତାରିଖ ଦିନ ଆରଏସପି କର୍ତ୍ତୃପକ୍ଷ, ମାଲ ପରିବହନ କରୁଥିବା ଏସ୍ଏସ୍ ଟ୍ରେଡ଼ିଂ, ସ୍ୱସ୍ତିକ୍ ଏଂଟରପ୍ରାଇଜେସ୍ ଏବଂ ଏଟିଟ୍ୟୁଡ୍ ଏକ୍ଜିମ୍ ପ୍ରାଇଭେଟ୍ ଲିମିଟେଡ୍, ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ, ସିଆଇଏସ୍ଏଫ୍ ଅଧିକାରୀଙ୍କ ସମେତ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହେବା ପରେ, ଧର୍ମଘଟକୁ ପ୍ରତ୍ୟାହୃତ କରାଯାଇଥିଲା ଆଲୋଚନାରେ ଅଂଶଗ୍ରହଣ କରିଥିବା ରାଉରକେଲା ଇସ୍ପାତ କାରଖାନାର ଅଧିକାରୀଙ୍କ ସର୍ତାବଳୀରେ ସମସ୍ତ ପକ୍ଷ ରାଜି ହେଲାପରେ ଏହି ଧର୍ମଘଟକୁ ପ୍ରତ୍ୟାହୃତ କରାଯାଇଥିଲା । ମାଲ (ରାଖଡ) ପରିବହନ ପାଇଁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘକୁ ଅନୁମତି ମିଳିବା ପରେ, ସମସ୍ତ ପକ୍ଷଙ୍କୁ ନେଇ ଶୁକ୍ରବାର ଦିନ ଏକ ବୈଠକରେ ପରିବହନର ଦର ଧାର୍ଯ୍ୟ କରାଯାଇଥିଲା । ଟନ୍ ପିଛା ୨୦୦ ଟଙ୍କା ଦରରେ ରାଖଡ ପରିବହନ ପାଇଁ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘ ରାଜି ହେବା ପରେ । ବିବାଦର ସମାଧାନ ହୋଇପାରିଛି । ଯଦି ଡିଜେଲ ଦର ବୃଦ୍ଧି ହୁଏ ତେବେ ପରିବହନ ଦର ବୃଦ୍ଧି ହେବ ବୋଲି ଏହି ରାଜିନାମାରେ ଉଲ୍ଲେଖ କରାଯାଇଛି । ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକ ରାଜିନାମା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଆରଏସପିରୁ ମାଲ ପରିବହନ ପାଇଁ ଟନ୍ ପିଛା ଦର ୨୦୦ ଟଙ୍କା ଧାର୍ଯ୍ୟ ହେଲା, ଯଦିଓ ତାଙ୍କର ଦର ପାଇଁ ଅଧିକ ଦାବି ରହିଥିଲା । ଏଥି ପାଇଁ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କୁ ଧନ୍ୟବାଦ୍ ଦେବା ସହିତ ଧର୍ମଘଟରେ ସାମିଲ୍ ହୋଇଥିବା ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘର ସମସ୍ତ ସଦସ୍ୟ ଓ କର୍ମକର୍ତାମାନଙ୍କୁ ଧନ୍ୟବାଦ ଦେଇଛନ୍ତି । ଆଜି ରଘୁନାଥପାଲ୍ଲୀ ଟିପ୍ପର ଓନର୍ସ ଆସୋସିଏସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଅଶୋକ କୁମାର ପଟ୍ଟନାୟକ ରଘୁନାଥପାଲ୍ଲୀ ଟିପ୍ପର ମାଲିକ ସଂଘକୁ ମାଲ ପରିବହନ ଅନୁମତି ମିଳିବା ପାଇଁ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ସମର୍ଥନ ଓ ପ୍ରଚେଷ୍ଟା, ପୋଲିସ୍ ପ୍ରଶାସନ ତଥା ଟାଙ୍ଗରପାଲ୍ଲୀ ଥାନା ଆଇଆଇସି, ପ୍ରେସ ଓ ମିଡିଆର କଭରେଜ ଏବଂ ମାଲିକ ସଂଘର କର୍ମକର୍ତା ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବାଧ୍ୟତାମୂଳକ ଅବସର ପ୍ରଦାନକୁ ନେଇ ଜିଲ୍ଲାପାଳଙ୍କୁ ଧନ୍ୟବାଦ ଅର୍ପଣ କଲା ସଂଘ

ଜୟପୁର,୧୩/୬(ନି/ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡା ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓଙ୍କୁ ବାଧ୍ୟତାମୂଳକ ଅବସର ଦେଲେ ଜିଲ୍ଲାପାଳ । କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ସଂଖ୍ୟା ୨୦୬୫ ତା ୧୦.୦୬.୨୦୨୬ ରିଖ ରେ ବିଭାଗୀୟ ଅଧିକାରୀ ୱାଇ ଶ୍ରୀନିବାସ ରାଓଙ୍କୁ ୧୦.୦୬.୨୦୨୬ ତାରିଖରୁ ସରକାରଙ୍କ ଆଦେଶ ମୁତାବକ ଚାକିରୀରୁ ଅବସର ଦିଆଯାଇଥିବା ଦର୍ଶାଯାଇଛି । ତତ୍ ସହିତ ଏହାର ନକଲ ସମସ୍ତ ଉଚ୍ଚ କର୍ତୃପକ୍ଷଙ୍କୁ ଦିଆଯାଇଛି କ୍ଷ୧୦ ତାରିଖ ସୁଦ୍ଧା ଶ୍ରୀ ରାଓଙ୍କୁ ୫୦ ବର୍ଷ ହୋଇଥିବା ଓ ସେ ୩୦ ବର୍ଷ ଧରି ଚାକିରି କରିଥିବା ଉକ୍ତ ଆଦେଶ ପତ୍ରରେ ଦର୍ଶାଯାଇଛି । ଉକ୍ତ ଆଦେଶ ପତ୍ରକୁ ନେଇ ସମସ୍ତ କର୍ମଚାରୀ ଖୁସି ବ୍ୟକ୍ତ କରୁଥିବା ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଗଣମାଧ୍ୟମକୁ ସୂଚନା ଦେବା ସହିତ ଜିଲ୍ଲାପାଳ କୋରାପୁଟଙ୍କୁ ଧନ୍ୟବାଦ୍ ଅର୍ପଣ କରି କୃତଜ୍ଞତା ଜ୍ଞାପନ କରିଛନ୍ତି । ଯେଉଁ କର୍ମଚାରୀ କାର୍ଯ୍ୟରେ ଅବହେଳା କରେ କିମ୍ବା ଅକ୍ଷମ ତାଙ୍କୁ ବାଧ୍ୟତାମୂଳକ ଅବସର ଦେବା ସରକାରଙ୍କ ନିୟମ ରହିଛି ତେଣୁ ଶ୍ରୀ ରାଓଙ୍କ କ୍ଷେତ୍ରରେ ଜିଲ୍ଲାପାଳ ଉଚିତ୍ ପଦକ୍ଷେପ ନେଇଥିବା ଶ୍ରୀ ଦାଶ୍ କହିଛନ୍ତିକ୍ଷତାଙ୍କ ବିରୁଦ୍ଧରେ ବହୁତ ଗୁଡ଼ିଏ ଅଭିଯୋଗ ମଧ୍ୟ ରହିଥିବା ସୂଚନା ମିଳିଛି । ଜଣେ ରାଜସ୍ୱ ଅମଲା ହୋଇଥିବା ସତ୍ୱେ ରାଜସ୍ୱ ଅମଲା ସଂଘରୁ ବିତାଡିତ ହୋଇ ଓଡ଼ିଶା ଅମଲା ସଂଘରେ ଯୋଗଦାନ କରିଥିଲେ । ଓଡ଼ିଶା ଅମଲା ସଂଘର ରାଜ୍ୟ ନେତୃବୃନ୍ଦ ଶ୍ରୀ ରାଓଙ୍କୁ ଓଡ଼ିଶା ଅମଲା ସଂଘର ଅସ୍ଥାୟୀ ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ ସେଠି ରହି ସଂଘକୁ କଳୁଷିତ ଦୂଷିତ କରିଦେବା ଯୋଗୁଁ ଜିଲ୍ଲା ସଂଘର ନିଷ୍ପତିକୁ ନେଇ ତାଙ୍କୁ ଅଧ୍ୟକ୍ଷ ଦାୟିତ୍ୱରୁ ବାହାର କରିବା ସହିତ ସଂଘର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରାଯାଇଥିବା ଶ୍ରୀ ଦାଶ୍ ସୂଚନା ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ସୁନ୍ଦରଗଡ଼ର ୧୪.୫୬ ଲକ୍ଷରୁ ଅଧିକ ହିତାଧିକାରୀ ପାଇବେ ଅତିରିକ୍ତ ୫ କେଜି ଚାଉଳ

ସୁନ୍ଦରଗଡ଼,୧୩/୬(ନି/ପ୍ର): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ଆଜି ସାରା ଓଡ଼ିଶାରେ "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ ହୋଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରୁ ଭର୍ଚୁଆଲ୍ ମାଧ୍ୟମରେ ଏହି ଲୋକକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବିକାଶ ଭବନ ସଭାଗୃହରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ କାର୍ଡ ବିତରଣ କରିଥିଲେ । ସେ ତାଙ୍କ ବକ୍ତବ୍ୟ ରେ ରାଜ୍ୟ ସରକାରଙ୍କ ଜନହିତକର ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିବା ସହ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ବୋଲି କହିଥିଲେ । ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟ ସରକାରଙ୍କ ଏକ ଐତିହାସିକ ଓ ଜନମଙ୍ଗଳକାରୀ ପଦକ୍ଷେପ । ଏହା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଘରଝଇ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଝରଝଝ)ର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ମୁଣ୍ଡପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ । ଏପ୍ରିଲ, ମେ ଓ ଜୁନ ମାସର ଚାଉଳ ଏକକାଳୀନ ଭାବେ ହିତାଧିକାରୀମାନଙ୍କୁ ବଂଟନ କରାଯିବ । ଏହି ଯୋଜନା ଦ୍ୱାରା ଖାଦ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସହ ଗରିବ, ଦୁର୍ବଳ ଓ ଅସହାୟ ପରିବାରମାନଙ୍କ ଜୀବନଯାପନରେ ସହାୟତା ମିଳିବ । ଏହା ରାଜ୍ୟ ସରକାରଙ୍କ ସମାବେଶୀ ବିକାଶ ଓ ସାମାଜିକ ସୁରକ୍ଷା ପ୍ରତିବଦ୍ଧତାର ଏକ ଉଲ୍ଲେଖନୀୟ ନିଦର୍ଶନ । ସୁନ୍ଦରଗଡ଼ ଜିଲ୍ଲାରେ ବର୍ତ୍ତମାନ ଘରଝଇ ଓ ଝରଝଝ ଅନ୍ତର୍ଗତ ମୋଟ ୪,୪୪,୨୧୯ କାର୍ଡଧାରୀଙ୍କ ୧୪,୫୬,୨୨୪ ଜଣ ହିତାଧିକାରୀ ଏହି ଯୋଜନାରୁ ଉପକୃତ ହେବେ । ଏହି ଅବସରରେ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ମୁଖ୍ୟ ଅତିଥି ଶ୍ରୀ ଭୋଇ ବିତରଣ କରିଥିଲେ । ସୁଭଦ୍ରା ଶକ୍ତି ସମ୍ବାଦ ଯୋଜନା ମାଧ୍ୟମରେ ମଧ୍ୟ ଅଙ୍ଗନୱାଡି କର୍ମୀ ମାନଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଶୁଭଙ୍କର ମହାପାତ୍ର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ଅମାତ, ଟିଏସସିସି ସଦସ୍ୟା ଶ୍ରୀମତୀ କୁସୁମ ଟେଟେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ

ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଙ୍ଗ ଇନ୍ଷ୍ଟିଚ୍ୟୁଟ, ରାଜଗାଙ୍ଗପୁରକୁ ମିଳିଛି ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା

ଭାରତର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇ ମଧ୍ୟରେ ୨ୟ ସ୍ଥାନ ହାସଲ କରିଛି

ରାଜଗାଙ୍ଗପୁର,୧୩/୬(ନି/ପ୍ର): ଭାରତର ଅନ୍ୟତମ ପ୍ରମୁଖ ସିମେଂଟ କମ୍ପାନୀ ଡାଲମିଆ ସିମେଂଟ (ଭାରତ) ଲିମିଟେଡ ଏହା ଘୋଷଣା କରି ଗର୍ବିତ ଯେ, ଏହାର ଓଡିଶାର ରାଜଗାଙ୍ଗପୁରସ୍ଥିତ ଡାଲମିଆ ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ (ଆଇଟିଆଇ)କୁ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗିକତା ମନ୍ତ୍ରଣାଳୟ (ଏମଏସଡିଇ) ଦ୍ୱାରା ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ପରିଚାଳିତ ଅଲ୍ ଇଣ୍ଡିଆ ଆଇଟିଆଇ ଗ୍ରେଡିଂରେ ଭାରତର ଏକ ନମ୍ବର ବେସରକାରୀ ଆଇଟିଆଇର ମାନ୍ୟତା ଦିଆଯାଇଛି । ଏହି ଶିକ୍ଷାନୁଷ୍ଠାନ ଦେଶର ମୋଟ ୧୪୬୧୭ଟି ସରକାରୀ ଓ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିବା ସହ ୧୦ରୁ ୯.୭ର ଏକ ଉଲ୍ଲେଖନୀୟ ସ୍କୋର ହାସଲ କରିଛି । ଏହି ନୂତନ ସ୍ୱୀକୃତି ଶିକ୍ଷାନୁଷ୍ଠାନର ଉତ୍କର୍ଷତାର ମଜବୁତ ଟ୍ରାକ ରେକର୍ଡ ଯୋଗୁଁ ସମ୍ଭବ ହୋଇଛି, ଯାହା ପୂର୍ବରୁ ୨୦୨୪-୨୫ଆର୍ଥିକ ବର୍ଷରେ ଭାରତରେ ବେସରକାରୀ ଆଇଟିଆଇଗୁଡିକ ମଧ୍ୟରେ ୨ୟ ସ୍ଥାନରେ ରହିଥିଲା । ଚଳିତ ବର୍ଷ ଶୀର୍ଷ ସ୍ଥାନକୁ ଏହାର ଉତ୍ ?ଥାନ ଗୁଣାତ୍ମକ ତାଲିମ, ଶିଳ୍ପ ପ୍ରାସଙ୍ଗିକତା ଓ ଶିକ୍ଷାର୍ଥୀଙ୍କ ସଫଳତା ଉପରେ ଏକ ସ୍ଥାୟୀ ଗୁରୁତ୍ୱକୁ ପ୍ରତିଫଳନ କରୁଛି । ଏହି ଶିକ୍ଷାନୁଷ୍ଠାନ ଫିଟର, ଇଲେକ୍ଟ୍ରିସିଆନ, ମେକାନିଷ୍ଟ, ୱେଲ୍ଡର, କମ୍ପ୍ୟୁଟର ଅପରେଟର ଓ ପ୍ରୋଗ୍ରାମିଙ୍ଗ ଆସିଷ୍ଟାଂଟ (ସିଓପିଏ)ଏବଂ ସୋଲାର ଟେକ୍ନିସିଆନ ସମେତ ବିଭିନ୍ନ ଟ୍ରେଡରେ ବୈଷୟିକ ତାଲିମ ପ୍ରଦାନ କରୁଛି । ଏକ ଉଲ୍ଲେଖନୀୟ ସଫଳତାରେ ଗତ ଦୁଇ ବର୍ଷରେ ନାମ ଲେଖାଇଥିବା ୧୩% ପ୍ରାର୍ଥୀ ମହିଳା ଥିବା ବେଳେ ୮୪% ପ୍ରାର୍ଥୀ ଅନୁସୂଚିତ ଜନଜାତି (ଏସଟି) ସମୁଦାୟର ଥିଲେ । ଏହି ସଫଳତାକୁ ପାଳନ କରିବା ପାଇଁ କମ୍ପାନୀ ଅଧିକାରୀଙ୍କ ଉପସ୍ଥିତିରେ ଡିସିବିଏଲ ପକ୍ଷରୁ ଶିକ୍ଷାନୁଷ୍ଠାନର ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା, ଯାହା ଏହି ଜାତୀୟ ସ୍ୱୀକୃତି ହାସଲ କରିବାରେ ସେମାନଙ୍କର ସାମୂହିକ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରିଛି । ଏହି ସଫଳତା ସମ୍ପର୍କରେ ଡିସିବିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରାଜଗାଙ୍ଗପୁର, ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଚେତନ ଶ୍ରୀବାସ୍ତବ କହିଛନ୍ତି, "ଏହି ସ୍ୱୀକୃତି ଡାଲମିଆ ଭାରତ ପାଇଁ ଏକ ଗୌରବମୟ ସଫଳତା ଏବଂ ଆମର ଛାତ୍ରଛାତ୍ରୀ, ପ୍ରଶିକ୍ଷକ ଓ ଶିଳ୍ପ ସହଯୋଗୀଙ୍କ ଉତ୍ସର୍ଗୀକୃତତାର ଏକ ପ୍ରମାଣ । ଭାରତର ଶୀର୍ଷ ବେସରକାରି ଆଇଟିଆଇ ଭାବେ ସ୍ଥାନିତ ହେବା, ଯୁବପିଢି, ବିଶେଷ କରି ମହିଳା ଓ ଅଣସଂରକ୍ଷିତ ସମୁଦାୟଗୁଡିକ ପାଇଁ ନିରନ୍ତର ସୁଯୋଗ ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ,ଏଥିସହିତ ଭାରତର ଦକ୍ଷତା ଇକୋସିଷ୍ଟମକୁ ମଜବୁତ କରୁଛି ଓ ଦେଶ ପାଇଁ ଏକ ଭବିଷ୍ୟତ-ପ୍ରସ୍ତୁତ କର୍ମବଳ ସୃଷ୍ଟି କରୁଛି ।" ଭାରତ ଏହାର ଦକ୍ଷତା ଓ ଉତ୍ପାଦନ ଲକ୍ଷ୍ୟଗୁଡିକୁ ଆଗକୁ ବଢାଇବା ଜାରି ରଖିଥିବାରୁ, ଡାଲମିଆ ଭାରତ ଶିଳ୍ପ-ସମନ୍ୱିତ ଧନ୍ଦାମୂଳକ ଶିକ୍ଷା ମାଧ୍ୟମରେ ଯୁବପିଢିଙ୍କୁ ସଶକ୍ତ କରିବା ଏବଂ ଆସନ୍ତାକାଳିର ସୁଯୋଗଗୁଡିକ ପାଇଁ ସୁସଜ୍ଜିତ ଏକ କର୍ମବଳ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛି ।